## ସଂକ୍ଷେପରେ

### ବିରଜାକୃପା ସାହିତ୍ୟ ପରିବାରର ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୧୧।୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ବିରଜାକୃପା ସାହିତ୍ୟ ପରିବାରର ଏକ ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ପରିବାରର ସ୍ଥାୟୀ କାର୍ଯ୍ୟାଳୟ ଅବଦଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଦ୍ୟୁତପ୍ରଭା ମିଶ୍ରଙ୍କ ଅନୁମତିକ୍ରମେ ସମ୍ପାଦକ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭା ଆୟୋଜନ କରିଥିଲେ। ସଭାରେ ଗତବର୍ଷ ହୋଇଥିବା ବାର୍ଷିକ ଉତ୍ସବର ଆୟବ୍ୟୟର ହିସାବ ପ୍ରଦାନ ସହିତ ଚଳିତ ବର୍ଷର ବାର୍ଷିକ ଉତ୍ସବ ଉପରେ ଆଲୋଚନା କରାଯାଇଥିଲା। ପରିବାରର ବାର୍ଷିକ ମୁଖପତ୍ରିକା 'ବିରଜାକୃପା'କୁ କିପରି ଆହୁରି ଲୋକାଭିମୁଖୀ କରାଯାଇ ଏକ ରାଜ୍ୟସ୍ତରୀୟ ପତ୍ରିକା ଭାବେ ପରିଚୟ ପ୍ରଦାନ କରାଯିବ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପରିବାରର ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ନାୟକ ସଭାରେ ପୌରୋହିତ୍ୟ କରିଥିଲେ। ମାର୍ଗଦର୍ଶକ ଗଦାଧର କୁଣ୍ଡୁ, ସାମ୍ବାଦିକ ତପନ ମହାରଣ୍ୟ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ଭରତବନ୍ଧୁ ବିଶ୍ୱାଳ ଯୋଗଦେଇ ନିଜ ନିଜର ମତପୋଷଣ କରିଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀକାନ୍ତ ବେହେରା, ସୌଦାଗର ବିଶ୍ୱାଳ, ରଞ୍ଜନ ବାରିକ, ଉମେଶଚନ୍ଦ୍ର ଯେନା, ଗାୟତ୍ରୀ ଦାସ, ସ୍ନେହଲତା ବିଶ୍ୱାଳ, ପୃଷ୍ଠପୋଷକ ରାହାସ ବିହାରୀ ଶତପଥୀ ଯୋଗଦେଇ ଆଗାମୀ ଦିନରେ ସମାଜ ସେବା କରି ଲୋକଙ୍କ ହୃଦୟରେ ରହିବାକୁ ପରାମର୍ଶ ଦେଇଥିଲେ। ପରିବାରର ସହସମ୍ପାଦିକା ଅନୁପମା ରଣା ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ରସୁଲପୁର,୧୧।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ମଧ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭିକାରୀ ଚରଣ ଚାନ୍ଦଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଜଣେ ସାମାଜିକ କର୍ମୀ ଭାବରେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ଚଣ୍ଡୀ ବାଙ୍କ ମେଲଣ କମିଟିର ପ୍ରମୁଖ ବ୍ୟକ୍ତି ଥିଲେ। ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ଚିନ୍ତା ପଲ୍ଲୀ ଗ୍ରାମର ଇଶାଣେଶ୍ୱର ମନ୍ଦିର ନିର୍ମାତା ଥିଲେ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ଖବର ପ୍ରଚାରିତ ହେବାପରେ ବିଭିନ୍ନ ସ୍ଥାନରେ ଶୋକର ଛାୟା ଖେଳିଯାଇଛି।



# ୧୫ରେ ସରିବ ଇ-କେୱାଇସି ଅବଧି

ରସୁଲପୁର,୧୧।୨ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରାୟ ୩୯ ହଜାରରୁ ଉର୍ଦ୍ଧ୍ୱ ରାଶନ କାର୍ଡଧାରୀ ପରିବାର ଅଛନ୍ତି। ଏହି ଆଧାରରେ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ରାଶନ ସାମଗ୍ରୀ ପାଉଛନ୍ତି। ସରକାର ଭୂତ ହିତାଧିକାରୀଙ୍କୁ ଠାବ କରିବା ପାଇଁ ଇ-କେୱାଇସି ପ୍ରକ୍ରିୟା ଜାରି ରଖିଛନ୍ତି। ଏହି ପ୍ରକ୍ରିୟା ପାଇଁ ଫେବୃଆରୀ ୧୫ରେ ଶେଷ ହେବ ବୋଲି ଧାର୍ଯ୍ୟ କରାଯାଇଛି। ତେବେ ଏହି ସମୟ ସରି ଆସୁଥିଲେ ମଧ ଏବେ ବି ଅନିଶ୍ଚିତାରେ ଅଛନ୍ତି ଶାଯ୍ୟାଶାୟୀ, ବହିର୍ଗତ ବ୍ୟକ୍ତି ଓ ଆଧାର ଅପଡେସନ ହୋଇ ନ ଥିବା ୫ବର୍ଷରୁ ଉର୍ଦ୍ଧ୍ୱ ଶିଶୁ ହିତାଧିକାରୀ। ଏଯାଏ ଉକ୍ତ ବର୍ଗର ହିତାଧିକାରୀଙ୍କ ଇ-କେୱାଇସିକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଇ-କେୱାଇସି ପ୍ରକ୍ରିୟାରୁ ବାଦ ପଡ଼ିଥିବା ବ୍ୟକ୍ତିଙ୍କ ପାଇଁ ଆଗକୁ କେଉଁ ପଦକ୍ଷେପ ନିଆଯିବ ସେ ନେଇ ଯୋଗାଣ ବିଭାଗ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ତେବେ ଉକ୍ତ ବର୍ଗର ଯୋଗ୍ୟ ଲୋକ କେମିତି ରାଶନ ସାମଗ୍ରୀ ପାଇବେ ତା'କୁ ନେଇ କାର୍ଡଧାରୀ ପରିବାରରେ ସଂଶୟ ସୃଷ୍ଟି ହୋଇଛି।

ରାଜ୍ୟରେ ଭାଜପା ସରକାର ଆସିବା ପରଠାରୁ ରାନଶକାର୍ଡରେ ଇ-କେୱାଇସି ପ୍ରକ୍ରିୟା ଲାଗୁ କରିଛନ୍ତି। ଏହି ପ୍ରକ୍ରିୟା ଯୋଗୁ ସରକାରୀ ଚାକିରିଆ,

**ଚିହ୍ନଟ ହୋଇପାରିଲେନି ଶଯ୍ୟାଶାୟୀ, ବହିର୍ଗତ**




ଆୟକରଦାତା, ଚାରିଚକିଆ ଯାନ ମାଲିକ, ୫ ଏକରରୁ ଉର୍ଦ୍ଧ୍ୱ ଚାଷଜମି ଥିବା ଅଯୋଗ୍ୟ ପରିବାରକୁ ଠାବ କରାଯାଇଛି। ଅଧିକାଂଶ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠୁଥିବା ଜଣାପଡିଛି। ଏହି ପ୍ରକ୍ରିୟାକୁ ଶତପ୍ରତିଶତ ଠିକ୍ କରିବା ପାଇଁ ରାଜ୍ୟ ସରକାର ଇ-କେୱାଇସି ଅବଧିକୁ ୫ଥର ବୃଦ୍ଧି କରିଛନ୍ତି। ତଥାପି ବ୍ଲକ୍‌ରେ ୧୫ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ନ ଥିବା ଜଣାଯାଇଛି। ବାହାରେ ରହୁଥିବା ବ୍ୟକ୍ତି ସେଠାରେ ଇ-କେୱାଇସି କରିଥିବା ଜଣାଯାଇଛି। ହେଲେ ସେମାନଙ୍କ ରିପୋର୍ଟ ଗାଁ ରିଟେଲରଙ୍କ ମେସିନରେ ଦର୍ଶାଉନାହିଁ। ସେମାନଙ୍କ ସଂଖ୍ୟା କେତେ ଓ ଆଧାର ଅପଡେସନ ବିନା କେତେଜଣଙ୍କ ଇ-କେୱାଇସି ସମ୍ପୂର୍ଣ୍ଣ ହୋଇପାରିନାହିଁ, ସେ ଦିଗରେ ରସୁଲପୁର ଯୋଗାଣ ବିଭାଗ ପକ୍ଷରୁ ତଥ୍ୟ ହାସଲ କରାଯାଉଥିବା ଜଣାଯାଇଛି। ଶଯ୍ୟାଶାୟୀ କାର୍ଡଧାରୀଙ୍କ ଟିପ୍ ଚିହ୍ନ, ଆଖିଡୋଳା ଚିହ୍ନଟ ହୋଇପାରୁ ନ ଥିବାରୁ ସେମାନଙ୍କୁ ଅନ୍‌ଅଥେଣ୍ଟିକେଟେଡ୍ ମୋଡ୍‌ରେ ରାଶନ ସାମଗ୍ରୀ ପ୍ରଦାନ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏହି ପ୍ରକ୍ରିୟା ଅଧୁରା ରହିଥିବାବେଳେ ଇ-କେୱାଇସିରେ ସାମିଲ ହୋଇପାରି ନ ଥିବା କାର୍ଡଧାରୀଙ୍କୁ ରାଶନ ସାମଗ୍ରୀ ମିଳିବ କି ନାହିଁ ତା'ର ସ୍ପଷ୍ଟ ସୂଚନା ବିଭାଗ ପାଖରେ ନାହିଁ। ଏଥି ସକାଶେ ବିଭାଗ ପକ୍ଷରୁ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତିକୁ ଅପେକ୍ଷା କରିବାକୁ ପଡ଼ିଛି। ଅନ୍ୟପକ୍ଷରେ ଇ-କେୱାଇସି ଆଳରେ ରାଶନାକାର୍ଡ ପୋର୍ଟାଲକୁ ବନ୍ଦ କରିଦିଆଯାଇଛି। ଫଳରେ ନୂତନ ରାଶନକାର୍ଡ ଓ କାର୍ଡରେ ନାମ ସଂଯୋଗ ପ୍ରକ୍ରିୟା ଠପ୍ ହୋଇଯାଇଛି। ତେଣୁ ନୂତନ କାର୍ଡ ହାତେଇବା, କାର୍ଡରେ ନାମ ସଂଯୋଗ କରିବା, କାର୍ଡକୁ ପୃଥକ କରିବା ଭଳି ସମସ୍ୟାକୁ ନେଇ ଆବେଦନକାରୀ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଇ-କେୱାଇସିରେ ସାମିଲ ହୋଇପାରି ନ ଥିବା ଯୋଗ୍ୟ କାର୍ଡଧାରୀ ଓ ନୂତନ କାର୍ଡ ହାତେଇବାକୁ ଅପେକ୍ଷା କରିଥିବା ପରିବାରଗୁଡ଼ିକ ପାଇଁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀ ମଧୁସ୍ମିତା ଜେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଇ-କେୱାଇସି ଅବଧି ବଢ଼ିବ କି ନାହିଁ ସେ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ। ବ୍ଲକ ଅଞ୍ଚଳରେ ଅନ୍ୟୂନ୍ ୧୫% ବ୍ୟକ୍ତିଙ୍କ ଇ-କେୱାଇସି ହୋଇପାରିନାହିଁ। ସେମାନଙ୍କୁ ଚିହ୍ନଟ କରାଯାଇ ରିପୋର୍ଟ ପ୍ରଦାନ କରାଯିବ। ଏହାଛଡ଼ା ବାହାରେ ରହୁଥିବା ବ୍ୟକ୍ତି ଓ ଶଯ୍ୟାଶାୟୀଙ୍କ ପାଖକୁ ଯାଇ ଇ-କେୱାଇସି କରିବା ନେଇ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ଏହି ପ୍ରକ୍ରିୟାକୁ ନେଇ ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ ତାକୁ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବ ବୋଲି ଜେଠୀ ପ୍ରକାଶ କରିଛନ୍ତି।

# ପାଦୁକାର ଷଷ୍ଠ ସଂସ୍କରଣ ପ୍ରକାଶ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ମା' ବାଘୁଆ ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦର କର୍ମକର୍ତ୍ତା।

ଜେନାପୁର,୧୧।୨(ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଲିସାହିସ୍ଥିତ ମା' ବାଘୁଆ ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ ପାଦୁକା ପତ୍ରିକାର ଷଷ୍ଠ ସଂସ୍କରଣ ପ୍ରକାଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପାଦୁକା ଗିରିସ୍ଥିତ କଠୋଉଣୀସ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପଣା ସଂକ୍ରାନ୍ତି ଉପଲକ୍ଷେ ପତ୍ରିକାର ଏହି ସଂସ୍କରଣ ଲୋକାର୍ପିତ ହେବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପତ୍ରିକା ସମ୍ପାଦକ କାହ୍ନୁଚରଣ ସାହୁ, ଅନନ୍ତ ମାହାଲା, ରଘୁନାଥ ସାହୁ, ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ରଞ୍ଜନ କୁମାର ବେହେରା, ଗୟାଧର ନାଥ, ମହେଶ ମଲିକ, ଡ. ଆଶୁତୋଷ ଦେବୀପ୍ରସାଦ ରାଉତ ଓ ରଶ୍ମିତା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ଆଦିବାସୀ ଭାଷା ପାଠାଗାର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ସାନ୍ତାଳୀ ସଦସ୍ୟମାନେ।

କଳିଙ୍ଗନଗର,୧୧।୨(ଶୁଭାଶିଷ ରାଉତ):

ସୁକିନ୍ଦା ବ୍ଲକ ଲେମ୍ବୋ ପଞ୍ଚାୟତ ଗିରିଧରଠାରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ଜୟନ୍ତୀରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ) ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଆଦିବାସୀ ଲୋକଙ୍କ ପାଇଁ ଏକ ଆଦିବାସୀ ଭାଷା ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଟିଏସ୍‌ଏଫ୍ ଏହାର ସହଯୋଗୀ ସଂସ୍ଥା ଆଦିବାସୀ ସୋସିଓ ଏଜୁକେଶନ ଆଣ୍ଡ କଲଚୁରାଲ ଆସୋସିଏଶନ ସହ ମିଶି ଏହି ପାଠାଗାର ଉଦ୍‌ଘାଟନ କରଛି। ପାଠାଗାରରେ ବର୍ତ୍ତମାନ ହୋ, ମୁଣ୍ଡା, ଓରାଓଁ ଏବଂ ସାନ୍ତାଳୀ ଭାଷାର ପୁସ୍ତକ ଅଛି। ଏହା ଆଦିବାସୀଙ୍କ ଭାଷାକୁ ଉଜ୍ଜୀବିତ ରଖିବା ସହିତ ସେମାନଙ୍କୁ ନିଜର ପରିଚୟ ଓ ଗୌରବ ବଜାୟ ରଖିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଏନ୍‌ଟିପିସିର ଜେନେରାଲ ମ୍ୟାନେଜର ସୁଦର୍ଶନ ହେମ୍ବ୍ରମ, ଅବସରପ୍ରାପ୍ତ ଆଇଆରଏସ ଉଦୟନାଥ ମାଝୀ, ଆରଆଇ ହୃଷୀକେଶ ମୁର୍ମୁ, ଲେମ୍ବୋ ସରପଞ୍ଚ କଳ୍ପନା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବହୁ ଆଦିବାସୀ ନେତା ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଖପାଖ ଗ୍ରାମର ପ୍ରାୟ ୭୦୦ ଆଦିବାସୀ ଭାଷା ଶିକ୍ଷକ, ଛାତ୍ରୀଛାତ୍ର, ଯୁବକ ଓ ସ୍ଥାନୀୟ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ କଲ୍ୟାଣ କାର୍ଯ୍ୟରେ ନିରନ୍ତର ସମନ୍ୱୟ ରକ୍ଷା କରି ଆସୁଥିବା କେତେଜଣ ସାନ୍ତାଳୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବା ତିଲକା ମାଝୀ ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଥିଲେ। ୧୭୮୪ରେ ଇଂରେଜମାନଙ୍କ ବିରୋଧରେ ପ୍ରଥମ ସଶସ୍ତ୍ର ବିଦ୍ରୋହର ନେତୃତ୍ୱ ନେଇଥିଲେ, ଯାହା ସାନ୍ତାଳୀ ସମ୍ପ୍ରଦାୟର ଗୌରବମୟ ଐତିହ୍ୟକୁ ଦର୍ଶାଉଛି।

# ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀଛାତ୍ରୀଛାତ୍ର।

କାଏମା,୧୧।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅରେଇକଣାସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମଙ୍ଗଳାବର ଅପରାହ୍ନରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ମିନତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅଭିଜିତ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଦୁଷ୍ମନ୍ତ ରାୟ, ଆଞ୍ଚଳିକ ସାଧନ କେନ୍ଦ୍ର ଅଧିକାରୀ ସୁଶାନ୍ତ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଠାରୁ ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାଲାଭ କରି ବହୁ ବଡ଼ ପଦବୀ ଅଳଙ୍କୃତ କରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଜଗତ୍‌ସିଂପୁର ଜିଲା ଅରିଲୋ ଶିଶୁ ଅନନ୍ତ ଆଶ୍ରମର ସ୍ୱାମୀ ଚିତାନନ୍ଦ ବ୍ରହ୍ମଚାରୀ ଯୋଗଦେଇ ଛାତ୍ରୀଛାତ୍ର ଆଧାତ୍ମିକବାଦ ସହିତ ଜଡ଼ିତ ରହିବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ଅରୁଣିମା ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ପାଇଁ ଷ୍ଟୁଡେଣ୍ଟ ଅଫ ଦି ଇୟର ଭାବେ ଅଙ୍କିତା ସୁବୁଦ୍ଧିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସଞ୍ଜୟ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ଜେନା, ଦ୍ରୌପଦୀ ନାୟକ, ଶିକ୍ଷକ ପ୍ରଦୀପ ରାଉତ, ଦେବ ରଞ୍ଜନ ରାଉତରାୟ, ଚୁଗୁଲି ମହାନ୍ତି ଓ ପ୍ରମୋଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ଛାତ୍ରଛାତ୍ରୀ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଶିକ୍ଷକ କାଳୁ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

## ନୃସିଂହ ମହାପ୍ରଭୁଙ୍କ ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୧।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ବଡ଼ଚଣାବାରୀ ଓ ବଳଭଦ୍ରପାଟଣା ଠାରେ ହନୁମନ୍ତ ସେବକ ମଣ୍ଡଳୀ ପକ୍ଷରୁ ଶ୍ରୀଶ୍ରୀ ନୃସିଂହ ମହାପ୍ରଭୁଙ୍କ ୨ୟ ବାର୍ଷିକ ପ୍ରତିଷ୍ଠା ଓ ମହାଯଜ୍ଞ ଉତ୍ସବ ଶୁକ୍ରବାରଠାରୁ ଅନୁଷ୍ଠିତ ହୋଇ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଘଟଆନୟନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ସଂସ୍କାର, ଷୋଡ଼ଶ ହନୁମାନ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଣ୍ଡିତ ଗଣେଶ୍ୱର ପରିଡ଼ା ପ୍ରବଚନ ପ୍ରଦାନ କରିଥିଲେ। ରବିବାର ପୂଜାର୍ଚ୍ଚନା କରାଯିବା ସହ ମଧ୍ୟାହ୍ନରେ ସାଧୁସନ୍ଥ ଓ ବୈଷ୍ଣବ ସମ୍ମିଳନୀ ହୋଇଥିଲା। ସନ୍ଧ୍ୟାରେ ନଦିଆ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସୋମବାର ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟାରେ ବୃନ୍ଦାବନ ଦାସ ମହାରାଜ ପୂର୍ଣ୍ଣାହୁତି ଦେଇଥିଲେ। ପରେ ଶୁଶ୍ରୀ ଶ୍ରୀମତୀ ସ୍ୱାଇଁ ଓ ସାଥିମାନେ ପାଲା ପରିବେଷଣ କରିଥିଲେ। ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୂକୃପା ଲାଭ କରିଥିଲେ।

## ରାସ୍ତାରେ ମୋବିଲ ପଡ଼ିବାରୁ ସିରିଜ ଦୁର୍ଘଟଣା

ପାଣିକୋଇଲି,୧୧।୨(ବିକାଶ ମଲ୍ଲିକ):

ରାସ୍ତାରେ କୌଣସି ଏକ ଗାଡ଼ିରୁ ମୋବିଲ ପଡ଼ିବାରୁ ସିରିଜ ଦୁର୍ଘଟଣା ଘଟିଛି। ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥରୁ ଦଳା ଭାୟା ଶଙ୍ଖଚିଲା ରାସ୍ତାରେ ଏଭଳି ଘଟଣା ଘଟିଛି। ମୋବିଲ ପଡ଼ିଥିବାରୁ ସେହି ରାସ୍ତା ଦେଇ ଯାଉଥିବା ଲୋକେ ଦୁର୍ଘଟଣାର ଶିକା ହୋଇଥିଲେ। ୨ ଛୋଟ ଦୁର୍ଘଟଣା ପରେ ଯାଜପୁରରୋଡ ଧବଳଗିରି ଅଞ୍ଚଳର ହରପ୍ରିୟା ପରିଚ୍ଛା ତାଙ୍କ ମା'କନକଲତା ପରିଚ୍ଛାଙ୍କୁ ନେଇ କଟାରାପୁରସ୍ଥିତ କାଳୀ ମନ୍ଦିରକୁ ଯାଇଥିଲେ। କାଳୀଙ୍କ ଦର୍ଶନ ସାରି ଏକ ସ୍କୁଟି ଯୋଗେ ଗୋଲେଇପୁର ଛକରୁ ଭାୟା ଶଙ୍ଖଚିଲା ଦେଇ ଯାଜପୁରରୋଡ ଧବଳଗିରି ଯାଇଥାନ୍ତେ। ମାତ୍ର ଗୋଲେଇପୁର ଛକରେ ରାସ୍ତାରେ ପଡିଥିବା ମୋବିଲରେ ସ୍କୁଟି ଚକା ଖସି ଯିବାରୁ କନକଲତା ଗୁରୁତର ହୋଇଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଭାପତି ଅଶୋକ ଦାସ ପହଞ୍ଚି ଉଦ୍ଧାର କରିଥିଲେ। ପାଟ୍ରୋଲିଂ ଅଧିକାରୀ ଏସ୍‌ଆଇ ଅଶୋକ କୁମାର ବଳ ପହଞ୍ଚି କନକଲତାଙ୍କୁ ନେଇ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ରାଜ୍ୟସ୍ତରୀୟ ବୀଣାପାଣି କ୍ରିକେଟ: ଭଦ୍ରକ ଚାମ୍ପିୟନ




ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଯାଜପୁର ସଦର,୧୧।୨(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଇମେଜ ଏକାଦଶ ଭଦ୍ରକ ଚାମ୍ପିୟନ ହୋଇଛି। ଭଦ୍ରକର ଇମେଜ ଏକାଦଶ ଓ ଯାଜପୁରର ଚନ୍ଦନ ଏକାଦଶ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପରସ୍ପର କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ମହେଶରପୁର ସମିତି ସଭ୍ୟା ସ୍ମୃତିରେଖା ସାମଲ ଯୋଗଦେଇ ରନର୍ସ ଅପ୍ ଯାଜପୁରର ଚନ୍ଦନ ଏକାଦଶକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସତନ୍ତ୍ର ଅତିଥିଭାବେ ବ୍ରଜକିଶୋର ପାଢ଼ୀ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିବା ବବୁଲ୍ ଦାସଙ୍କୁ ଟ୍ରଫି ଓ ମ୍ୟାନ ଅଫ ସିରିଜ ହୋଇଥିବା ଇମ୍ରାନ ଖାନଙ୍କୁ ଏକ ବ୍ୟାଟେରୀ ଚାଳିତ ସାଇକେଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ସାହସପୁର ସରପଞ୍ଚ କଳ୍ପନା ଭୂୟାଁ, ଦୀନବନ୍ଧୁ ମଲ୍ଲିକ, ମା' ରକ୍ଷାକାଳୀ ବଣିକ ସଂଘ ସଭାପତି ବିଜୟ ପାଢ଼ୀ, ସମ୍ପାଦକ ମୋହନ ସୁନ୍ଦର୍ ରାଉ ଯୋଗଦେଇଥିଲେ। ଅମ୍ପାୟର ଭାବେ ଜ୍ଞାନରଞ୍ଜନ ସ୍ୱାଇଁ ଓ ଷ୍ଟାଇଲିଷ୍ଟ ଅମ୍ପାୟର ପିଣ୍ଟୁ ନାଥ ଖେଳ ପରିଚାଳନା କରିଥିଲେ। ବୀଣାପାଣି କ୍ରିକେଟ କ୍ଲବ ସଭ୍ୟମାନେ ସହଯୋଗ କରିଥିଲେ।

# ମାସେ ଭିତରେ ମଞ୍ଜୁରୀ ନ ମିଳିଲେ ଦୁର୍ବାର ଆନ୍ଦୋଳନ

**ରେଳମନ୍ତ୍ରୀଙ୍କୁ ଯାଜପୁରରୋଡ୍-ଧାମରା ରେଳ ସଂଗ୍ରାମ ସମିତିର ଚେତାବନୀ**

ଯାଜପୁରରୋଡ୍,୧୧।୨ (ପବିତ୍ର ରଞ୍ଜନ ମହାନ୍ତି):

ଦୀର୍ଘ ଦିନ ଧରି ଦାବି ହୋଇଆସୁଥିବା ଯାଜପୁରରୋଡ୍-ଧାମରା ରେଳପଥ ପାଇଁ ମଞ୍ଜୁରୀ ପ୍ରଦାନରେ ବିଳମ୍ବ ଘଟୁଛି। ଏନେଇ ଯାଜପୁରରୋଡ୍-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ଯାଜପୁରରୋଡ୍, ଭଦ୍ରକ ଓ ଧାମରା ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇ ତୁରନ୍ତ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ସହ ବ୍ୟୟବରାଦ ପାଇଁ ଦାବି କରାଯାଇଛି। ଏକ ମାସ ମଧ୍ୟରେ ଏହି ରେଳପଥକୁ ମଞ୍ଜୁରୀ ନ ମିଳିଲେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହିତ ଚୂଡାନ୍ତ ସର୍ଭେ, ଡିପିଆର ପ୍ରସ୍ତୁତି ଓ ରେଲୱେ ବୋର୍ଡର ତର୍ଜମା ପାଇଁ ଦେଢ଼ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଥିଲେ ମଧ କାହିଁକି ମଞ୍ଜୁରୀ ପ୍ରଦାନ ପ୍ରକ୍ରିୟାକୁ ବିଳମ୍ବିତ କରାଯାଇଛି ତା'ର ସ୍ପଷ୍ଟୀକରଣ ରେଳମନ୍ତ୍ରୀ ଦେବାକୁ ବିକ୍ଷୋଭକାରୀ ଦାବି କରିଛନ୍ତି।




ଯାଜପୁରରୋଡ୍ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନିର୍ବାଚନ ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ, ୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟରେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯିବ। ମାତ୍ର ତାହା ହେଲାନାହିଁ। ୨୦୨୫-୨୬ ବଜେଟରେ ମଧ ପ୍ରକଳ୍ପ ପାଇଁ ବ୍ୟୟବରାଦ କରା ନ ଯାଇ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କୁ ପ୍ରତାରିତ କରାଯାଇଛି। ଏହି ପ୍ରତାରଣାକୁ ଅଧିକ ଦିନ ବରଦାସ୍ତ କରାଯାଇ ପାରିବ ନାହିଁ ବୋଲି ବିକ୍ଷୋଭକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଯାଜପୁରରୋଡ୍ ଗୋପବନ୍ଧୁ ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ରେଳଷ୍ଟେଶନ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସଂଗ୍ରାମ ସମିତିର ଯୁଗ୍ମ ଆବାହକ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସ, ମଳୟ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଦିଲୀପ ଦଳେଇ, ମାମିନା ମଲ୍ଲିକ, ବାବୁଲାଲ ଗୁରୁ, ବିଜୟ ପରିଡ଼ା, ସୁରେନ୍ଦ୍ର ରାୟ, ବିଷ୍ଣୁଚରଣ ଧଳ, ପ୍ରଫୁଲ୍ଲ ନାୟକ, ସୁବାସ ଧଳ, ରାକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ସୁଷମା ବଳ, ସତ୍ୟବାନ ଦାସ, ଅଭୟ ପଣ୍ଡା, ବିଜୟ ନାୟକ, ଅମୂଲ୍ୟ ସାମଲ, ନିର୍ମଳ ରଥ, ଗଣେଶ ସାହୁ, ଲାଲ ମଣି ମୁଣ୍ଡା, ସୁରେଶ ସାହୁ, ଆଭାମୟୀ ମହାନ୍ତି, ତ୍ରିଲୋଚନ ରାଉତ, ଗୋପବନ୍ଧୁ ସାହୁ, ମାଳତି ହାଂସଦା, କାହ୍ନୁ ମୁଖି, ମନ୍ମଥ କୁମାର ରାୟ ଓ ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### କାର୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଧରାକୋଟ,୧୧।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଥାନା ଅନ୍ତର୍ଗତ ତାଳପାଟଣା ଛକ ନିକଟ ୫୯ ନଂ. ଜାତୀୟ ରାଜପଥର ନନ୍ଦିଗୋର ଆମ୍ବ ତୋଟା ପାର୍ଶ୍ୱରୁ ପୋଲିସ ମଙ୍ଗଳବାର ଏକ କାର୍ (ଓଆର ୦୨ ବିଏକ୍ସ ୮୯୮୯)ରୁ ୫ କେଜି ଗଞ୍ଜେଇ ଜବତ କରିଛି। କନ୍ଧମାଳ ଜିଲା କେ.ନୂଆଗାଁ ନିକଟସ୍ଥ ସାଇନିପଡାର ଜଳେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। କାର୍‌ଟି ବାଲିଗୁଡାରୁ ଭୁବନେଶ୍ୱର ଯାଉଥିବା ଖବର ପାଇ ପୋଲିସ ଚଢ଼ାଉ କରି ଗଞ୍ଜେଇ ଧରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ କାର ସହ ଗଞ୍ଜେଇ ଜବତ ହୋଇଛି। ଜଳେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ଧରାକୋଟ ଥାନାରେ ନଂ.୬୪/୨୫ରେ ମାମଲା ରୁଜୁ ହୋଇଛି ।

### ଶ୍ରମିକ ୟୁନିୟନ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଛତ୍ରପୁର, ୧୧।୨(ଦିଲ୍ଲୀପ ସାମଲ)

ଓଡ଼ିଶା ଏମ୍‌ଜିଏନଆରଇଜିଏସ୍ ଶ୍ରମିକ ୟୁନିୟନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଏମ୍‌ଜିଏନଆରଇଜିଏସ୍ ଶ୍ରମିକଙ୍କ ହାତକୁ କାମ, ସର୍ବନିମ୍ନ ମଜୁରି ଏବଂ ସମସ୍ତ ଅଧିକାରକୁ ପ୍ରଦାନ ଦାବି ନେଇ ଏକ ଦାବିପତ୍ର ଗଞ୍ଜାମ ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଶ୍ରମିକଙ୍କ ଦୈନିକ ମଜୁରି ୭୦୦ ଟଙ୍କାକୁ ବୃଦ୍ଧି, ପରିବାରର ଦୁଇଜଣ ସଦସ୍ୟଙ୍କୁ ନିଶ୍ଚିତ କାମ, ବର୍ଷ ସାରା କାମ ଯୋଗାଇ ଦେବା, ସର୍ବନିମ୍ନ ମଜୁରିଠାରୁ କମ ପ୍ରଦାନ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ, ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶ୍ରମିକଙ୍କ ପାଇଁ ମାସିକ ୧୦ ହଜାର ଟଙ୍କାର ପେନସନ, ଶ୍ରମିକ ବିରୋଧୀ ୪ଟି ଶ୍ରମ ସଂହିତା ପ୍ରତ୍ୟାହାରସହ ଅନ୍ୟାନ୍ୟ ଦାବି ସମ୍ବଳିତ ଦାବି ଏଥିରେ ଉଲ୍ଲେଖ ରହିଛି।

### 'ଭଲ ପାଠ ପଢି ଭଲ ମଣିଷ ହୁଅ'

ଖଜୁରିପଡ଼ା, ୧୧।୨( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ରାଇଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଏସ. ଶିବପ୍ରିୟା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜାନକୀ ଜାନି, ମୁଖ୍ୟବକ୍ତା ବିଇଓ ବିନୋଦ ବିହାରୀ ଦିଗାଲ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଶୁକଦେବ ସେଠୀ,ଶିକ୍ଷକ ବଂଶୀଧର ନନ୍ଦ, ବୃନ୍ଦାବନ ପ୍ରଧାନ, ଲକ୍ଷ୍ମୀଧର ଦୋରା, ସଭାପତି ସନତ ଜାନି, ଗୌର ଚରଣ ବେହେରା, ବିଦୁର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠପଢି ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇ ଏହା ହେଲେ ତମେମାନେ ବିଦ୍ୟାଳୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସମୟରେ ହୋଇଥିବା ଖେଳ, ନାଚ,ଗୀତ, ସଂସ୍କୃତିକ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁସ୍ଥିତ କ୍ୟାଥେଲିକ ମଣ୍ଡଳୀ ପକ୍ଷରୁ ମା ' ଲୁର୍ଦ୍ଧୁମେରୀଙ୍କ ପର୍ବ ପାଳନ ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ ।

# ବ୍ରାହ୍ମଣୀଗାଁରେ ମା' ଲୁର୍ଦ୍ଧୁମେରୀଙ୍କ ପର୍ବ

ବ୍ରାହ୍ମଣୀଗାଁ,୧୧।୨(ମନୋରଞ୍ଜନ ରଣା):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁସ୍ଥିତ କ୍ୟାଥେଲିକ ମଣ୍ଡଳୀ ପକ୍ଷରୁ ମା ' ଲୁର୍ଦ୍ଧୁମେରୀଙ୍କ ପର୍ବ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ମା' ମେରୀଙ୍କ ପୀଠରେ ମିଳିତ ଦିବ୍ୟ ଯଜ୍ଞ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଟକ ଭୁବନେଶ୍ୱର ଆର୍ଚ୍ଚ ଡାଇସେସର କୁଳାଧିପତି ଯାଜକ ଦିବ୍ୟସିଂହ ପରିଚ୍ଛା ଯୋଗ ଦେଇ ପୌରୋହିତ୍ୟ କରିଥିବା ବେଳେ ଭିକାର୍ ଜେନେରାଲ ଯାଜକ ପ୍ରଦସ ଚନ୍ଦ୍ର ନାୟକ ଯୋଗ ଦେଇ ବାଇବେଲରୁ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। ଦିବ୍ୟଯଜ୍ଞରେ ସମ୍ମାନିତ ଅତିଥି ଭାବେ ଯାଯକ ମନୋରଞ୍ଜନ ସିଂ, ଦେବରାଜ ସିଂ, କାଶିଆନ ପ୍ରଧାନ, ମନୋଜ ବାଗ ସିଂଙ୍କ ସମେତ ଅନ୍ୟ ଯାଜକମାନେ ଯୋଗ ଦେଇ ସହଯୋଗ କରିଥିଲେ। ବାଇବେଲ ପଠନରେ ଚର୍ଚ୍ଚର ମୁଖ୍ୟ ଯାଜକ ବିମଳ ଚନ୍ଦ୍ର ନାୟକ, ବିପିନ ବଳିଆର ସିଂ, ରାଣୀମା ସିଂ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ବିକ୍ରମ ବସ୍ତିରାୟ ସମସ୍ତ ଅତିଥି ଯାଜକମାନଙ୍କ ପରିଚୟ ପ୍ରଦାନ କରିବା ସହ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ସେବାଭଗ୍ନି ଓ ଖ୍ରୀଷ୍ଟ ବିଶ୍ୱାସୀ ମାନଙ୍କୁ ସ୍ୱାଗତ କରିଥିଲେ। ଯାଯକ ଭଞ୍ଜ କିଶୋର ନାୟକଙ୍କ ନିର୍ଦ୍ଦେଶନାରେ ଥାମସ ନାୟକ ଓ ଅଞ୍ଜନା ଉଥାନ ସିଂଙ୍କ ସଙ୍ଗୀତ ଦଳ ଭକ୍ତି ସଙ୍ଗୀତ ଗାନ କରିଥିବା ବେଳେ ନିତିନ ଓ ପରସ ମ୍ୟୁଜିକ ପରିଚାଳନା କରିଥିଲେ। ହୋଲି କ୍ରସ ସଂଘର ସେବା ଭଗ୍ନୀ ମାନେ ବେଦୀ ସାଜସଜ୍ଜାରେ ସହଯୋଗ କରିଥିଲେ। ସହକାରୀ ଯାଯକ ଉନିଲ ଦିଗାଲ ମଞ୍ଚ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଖ୍ରୀଷ୍ଟୀୟ ଶ୍ରଦ୍ଧାଳୁ ମାନେ ମା ' ମେରୀଙ୍କ ପ୍ରତିମୂର୍ତ୍ତି ଧରି ଚର୍ଚ୍ଚଠାରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଗୁମ୍ଫା ପର୍ଯ୍ୟନ୍ତ ଯାଇଥିଲେ। ଯାଜକ ରାଜୀବ ଲୋଚନ ବଳିଆର ସିଂ ପ୍ରଭୁଙ୍କ ବାକ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବ୍ରାହ୍ମଣୀଗାଁ ଖ୍ରୀଷ୍ଟୀୟ କଳା ପରିଷଦ ପକ୍ଷରୁ ସାମାଜିକ ନାଟକ ମଞ୍ଚସ୍ଥ କରାଯିବାକୁ ଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ବିକ୍ରମ ବସ୍ତିରାଇ, ସମ୍ପାଦକ ରାଧାକାନ୍ତ ବଳିଆର ସିଂଙ୍କ ନେତୃତ୍ୱରେ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। କୁକୁ ମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଥାନା ଆଇ ଆଇ ସି ବିଜୟ କୁମାର ହାଇବୁରୁଙ୍କ ନିର୍ଦ୍ଦେଶରେ ପୋଲିସ ବାହିନୀ ଓ ସୁରକ୍ଷା କର୍ମୀ ମୁତୟନ ହୋଇଥିଲେ।

# ସର୍ବଦା ସ୍ମରଣୀୟ ହୋଇ ରହିବେ ଦୀନଦୟାଲ



ରାଇକିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଇକିଆ/ଖଜୁରିପଡା,୧୧।୨(ପ୍ରଦୀପ ବେହେରା/ବିଦୁର ବେହେରା)

**ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି**

ରାଇକିଆ ବ୍ଲକ ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ଏହାକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି। ମଣ୍ଡଳ ସଭାପତି ସନ୍ତୋଷ ପାତ୍ରଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ ଯୋଗ ଦେଇ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜନ ସଂଘଠାରୁ ଆରମ୍ଭ କରି ଭାଜପା ଗଠନ ପର୍ଯ୍ୟନ୍ତ ତାଙ୍କ ସଂଘର୍ଷ ଓ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ପଣ୍ଡା, ଜିଲା ଉପ ସଭାନେତ୍ରୀ ଝୁଲିମା ଦଳ ବେହେରା, ଏସ୍‌ଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ତାପସ ଦଳବେହେରା, ନାରାୟଣ ପାତ୍ର, ଗଦାଧର ସାହୁଙ୍କ ସହ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସନକ ଦିଗାଲ ସଂଯୋଜନା କରିଥିଲେ । ଖଜୁରିପଡା ମଣ୍ଡଳ ଭାଜପା ପକ୍ଷରୁ ସଭାପତି ରଞ୍ଜନ କୁମାର କହଁରଙ୍କ ନେତୃତ୍ୱରେ ମଙ୍ଗଳବାର ଲ୍ୟାମ୍ପସ୍ ସଭାଗୃହରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଏବଂ ସମର୍ପଣ ଦିବସ ପାଳତ ହୋଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ଭଗବାନ ମହାନ୍ତି ଯୋଗଦେଇ ଦୀନଦୟାଲଙ୍କ ଜୀବନୀ ଏବଂ ଜନସଂଘ ପ୍ରତିଷ୍ଠାରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

### ହାଇଦ୍ରାବାଦରେ ସଙ୍ଗୀତଜ୍ଞ ପଣ୍ଡିତ ରଘୁନାଥ ପାତ୍ର ସମ୍ବର୍ଦ୍ଧିତ

ପାରଳାଖେମୁଣ୍ଡି,୧୧।୨(ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡି ସହରର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ ରଘୁନାଥ ପାତ୍ର ହାଇଦ୍ରାବାଦର ଓଡିଆ ସମାଜ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ହାଇଦ୍ରାବାଦର ଶିଳ୍ପାରାମସ୍ଥିତ ଓଡିଆ ସମାଜ ପକ୍ଷରୁ ଓଡ଼ିଶା ଖାଦ୍ୟ ଓ ଶିଳ୍ପ ମେଳା–୨୦୨୫ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ପଣ୍ଡିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର କଳା, ସାହିତ୍ୟ, ସଂସ୍କୃତି ଓ ବୈଭବ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଓଡିଆ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଆଇଏଏସ ବିପି ଆଚାର୍ଯ୍ୟ, ସସ୍ମିତା ମିଶ୍ର, ଶକ୍ତିଧର ଖାଡଙ୍ଗା, ଅର୍ଚ୍ଚନା ମିଶ୍ର, ଅଞ୍ଜନ ପାତ୍ର, ଶୀଳା ସାହୁ ପରିଚାଳନା କରିଥିଲେ। ୫ ହଜାରରୁ ଊର୍ଦ୍ଧ୍ୱ ଓଡିଆ ଭାଷା ଭାଷୀ ଉପସ୍ଥିତ ଥିଲେ।

### ଜିଲା ଯୋଜନା ବୋର୍ଡ ବୈଠକ

ବାଳିଗୁଡା,୧୧।୨(ସଞ୍ଜୟ ପାଣିଗ୍ରାହୀ)– ଜିଲା ଯୋଜନା ଓ ସମନ୍ୱୟ ବୋର୍ଡ (ଜିଲା ପ୍ଲାନିଂ ଓ ମନିଟରିଂ ୟୁନିଟ)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଗୁଡା, ତୁମୁଡିବନ୍ଧ, କୋଟଗଡ ଓ କ.ନୁଆଗାଁ ବ୍ଲକର ଉନ୍ନୟନ କାର୍ଯ୍ୟର ସମୀକ୍ଷା ହୋଇଥିଲା। ବୈଠକରେ ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ପିଡି ଶମ୍ଭୁନାଥ ନନ୍ଦି, ବ୍ଲକ ଅଧ୍ୟକ୍ଷା ମିଶାବତୀ ମଲିକ, ତୁମୁଡିବନ୍ଧ ଅଧ୍ୟକ୍ଷା ବାସନ୍ତି ମାଝି, କୋଟଗଡ ଅଧ୍ୟକ୍ଷା ପିଙ୍କି ପ୍ରଧାନ, କ. ନୁଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବିଭିନ୍ନ ବିଭାଗର ଅଧିକାରୀ, ବିଡିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପଞ୍ଚାୟତ ବିକାଶ ତାଲିମ ଶିବିର

ଚକାପାଦ,୧୧।୨(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକରେ ପଞ୍ଚାୟତ ବିକାଶ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ବୈନତ୍ରୀ କହଁର, ବିଡିଓ ହୃଦରଞ୍ଜନ ସାହୁ, ସିପି ବିଭୁ ପ୍ରସାଦ ପଣ୍ଡା, ଜିପିଓ ସୁରେଶ ଚନ୍ଦ୍ର ବାରିକ ଉପସ୍ଥିତ ଥିଲେ। ପଞ୍ଚାୟତଗୁଡ଼ିକରେ ବିକାଶ କରିବା ଲକ୍ଷ୍ୟରେ ସରପଞ୍ଚ, ସମିତିସଭ୍ୟାସଭ୍ୟ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର, ଏମବିକେ, ସିଆରପି ଓ ଅନ୍ୟମାନଙ୍କୁ ସରକାରଙ୍କ ବିଭିନ୍ନ ତାଲିମ ଦିଆଯାଇଛି। ପ୍ରଶିକ୍ଷକ ବିଶ୍ୱରଞ୍ଜନ କର ତାଲିମ ଦେଇଥିଲେ।

# ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଯାପିତ

ବୁଗୁଡା,୧୧।୨(କାଳିଚରଣ ଦାଶ)

ବୁଗୁଡ଼ାର ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲ ପାଦଦେଶରେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ୩ଦିନ ଧରି ଚାଲିଥିବା ବୁଦ୍ଧଖୋଲ ମହୋତ୍ସବ–୨୦୨୫ ଉଦଯାପିତ ହୋଇଯାଇଛି। ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ତାଙ୍କ ବକ୍ତବ୍ୟରେ ମହାପୁରୁଷ ବୁଦ୍ଧଦେବଙ୍କ ବାଣୀକୁ ଉଦ୍ଧାର କରି ଦୁଃଖର ଏକ ମାତ୍ର କାରଣ ହେଉଛି ଆଶା। ଆଶାର ବିନାଶରେ ଦୁଃଖର ବିନାଶ ବୋଲି କହିଥିଲେ। ତେଣୁ ଆଜିକାଲି ଜୀବନରେ ଆନନ୍ଦ ପାଇବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏଭଳି ମହୋତ୍ସବ ଆୟୋଜନ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ଏହି ଘୁମୁସର ଭଞ୍ଜ ମାଟି ବୁଗୁଡାର ଗୌରବ ଗାଥା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବୁଗୁଡା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ବିରଞ୍ଚିପୁର ସରପଞ୍ଚ ମନ୍ଦାକିନୀ ସେଠୀ, ସମିତି ସଭ୍ୟା ଅଳକା ନନ୍ଦ, ଜିଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ଭାଜପା ନେତ୍ରୀ ଜୟନ୍ତୀ ପଢିଆରୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ସିଡିଏମଓ ବିଜୟ କୁମାର ପଣ୍ଡା, ଅଧିବକ୍ତା ହର ପ୍ରସାଦ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଗୁଡ଼ା ଅଞ୍ଚଳର କେତେଜଣ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବକୁ ବୁଦ୍ଧଖୋଲ ଉନ୍ନୟନ ସମିତିର କାର୍ଯ୍ୟକାରୀ ସଭାପତି ଟି.ସଞ୍ଜିବ କୁମାର ପାତ୍ର, ଉପସଭାପତି ଗଙ୍ଗାଧର ନାୟକ, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ସମ୍ପାଦକ ହରିକୃଷ୍ଣ ସାହୁ, ସହ ସମ୍ପାଦକ କେଦାରନାଥ ମହାରଣା, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମୀକ୍ଷକ ଗଙ୍ଗାଧର ବିଷୋୟୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କବିସୂର୍ଯ୍ୟନଗର,୧୧।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରରେ ମଙ୍ଗଳବାର ଭିନ୍ନକ୍ଷମ ମାନଙ୍କୁ ସହାୟତା ପ୍ରଦାନ ଲାଗି ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଶ୍ରୀମର୍ଦ୍ଦରାଜ ହାଇସ୍କୁଲଠାରେ ହୋଇଥିବା ଶିବିରକୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ଏବିଡ଼ିଓ ନାରାୟଣ ବେହେରା, ଆସିକା ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ବ୍ଲକ ଅଧକ୍ଷ ବୀରେନ୍ଦ୍ର ଖଟେଇ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଡ଼ିଓ ସାଗରିକା ଷଡଙ୍ଗୀ, ବିଇଓ ଅଭିମନ୍ୟୁ ସାହୁ, ସିଡିପିଓ ବୀଣାପାଣି ମିଶ୍ର, ଆସିକା ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ସୁନାରିଖୋଲା ସମିତିସଭ୍ୟ ସୂର୍ଯ୍ୟ ନାରାୟଣ ଭୂୟାଁ, ଏବିଇଓ ରବିନାରାୟଣ ବେହେରା, ମର୍ଦ୍ଦରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। କବିସୂର୍ଯ୍ୟନଗରର ୨୧ ପଞ୍ଚାୟତ ଓ ଏନଏସିରୁ ବହୁ ଭିନ୍ନକ୍ଷମ ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ବିଏସଏସଓ ରାମଚନ୍ଦ୍ର ଜେନା ଶିବିରରେ ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିବାକର ଶତପଥୀ ପରିଚାଳନା କରିଥିଲେ। ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ ନାଥ ତ୍ରିପାଠୀ, ବଡ଼ମହୁରି ସରପଞ୍ଚ ନାରାୟଣ ବେହେରା, କନିଆରୀ ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ବେହେରା, ବୋଲସର ସମିତିସଭ୍ୟ ସନ୍ତୋଷ ସେଠୀ, ନନ୍ଦିଆଗ ସରପଞ୍ଚ ପ୍ରତିନିଧି ମିଥୁନ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

କ.ନୂଆଗାଁ,୧୧।୨(କାଳି ପ୍ରସାଦ ତ୍ରିପାଠୀ): କ.ନୂଆଗାଁ ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ)ପରିସରରେ ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୈତନ୍ୟ କହଁର, ସୁରେନ୍ଦ୍ର ନାଥ ଦାଶ, ହରିହର ମଲ୍ଲିକ, ବ୍ଲକ ଉପାଧକ୍ଷ ଧବଳେଶ୍ୱର ପାତ୍ର, ବ୍ଲକ ଶିକ୍ଷକ ସଙ୍ଗଠନର ସଭାପତି ବୁଲୁ ନାୟକ, ସିଆରସିସି ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ହାଡ଼ି ବନ୍ଧୁ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଶିକ୍ଷକ ରେଣୁକା ପ୍ରଧାନ, ସୁରମା ଦାଶ, ରାଜଶ୍ରୀ ଭୁକ୍ତା, ଲିପ୍ସିତା ମହାପାତ୍ର, କାବେରୀ ମହାରଣା, ବିଦ୍ୟୁଲତା ସାହୁ, ବିପ୍ଳବ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କେରେଡ଼ି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କେରେଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଫୁଲବାଣୀ, ୧୧।୨(ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ କେରେଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ତାରା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ ପିଲାମାନଙ୍କୁ ଭଲ ପାଠ ପଢି ଆଗେଇ ଚାଲିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ ବିଦ୍ୟାଳୟର ରହିଥିବା ବିଭିନ୍ନ ଅସୁବିଧାକୁ ଦୂର ପାଇଁ ନିଜ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ରୂପେ ଫୁଲବାଣୀ ଗୋଷ୍ଠୀ କୃଷି ଅଧିକାରୀ ସୁଶ୍ରୀ ସୁନିତା ମିଶ୍ର ଯୋଗ ଦେଇ କହିଲେ, ଛାତ୍ରୀଛାତ୍ର ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ଠିକ୍ ରୂପେ ତୁଲାଇଲେ ସବୁ କ୍ଷେତ୍ରରେ ସଫଳତା ପାଇବେ। ଛାତ୍ରୀଛାତ୍ରଙ୍କ ଉନ୍ନତିରେ ଅଭିଭାବକ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନଙ୍କ ସମାନ ଭାଗିଦାରୀତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟର ପୂର୍ବତନ ଛାତ୍ର ଆଠମଲ୍ଲିକ ଏସ୍‌ଡିପିଓ, ବୌଦ୍ଧର ବାଳକୃଷ୍ଣ କହଁର ଯୋଗ ଦେଇ ନିଜ ପିଲାଦିନ ଅନୁଭୂତିକୁ ମନେ ପକାଇଥିଲେ। ସରପଞ୍ଚ ପ୍ରମୁଖ ଖମାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରଜ ଦିଗାଲ ଏବଂ ପାଞ୍ଚଶଖା ଶିକ୍ଷା ସେତୁ କମିଟି ସଭାପତି ପ୍ରବୀଣ ସାହୁ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ସମସ୍ତଙ୍କୁ ସାଥିରେ ନେଇ ଭଞ୍ଜନଗରର ବିକାଶ କରାଯିବ

ଭଞ୍ଜନଗର,୧୧।୨(ବାବୁଲା ପ୍ରଧାନ): ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ ୨୩ ମାସ ପରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଦୀର୍ଘମାସ ପରେ ବୈଠକ ବସିବା ନେଇ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଣିକି ପ୍ରତି ୩ ମାସରେ ଥରେ ବୈଠକ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ବୈଠକରେ ବ୍ଲକ ଅଧକ୍ଷ ନରିସଭା ନାୟକ ଅଧକ୍ଷତା କରିଥିଲେ। ବିଧାୟକ ନାୟକ ଯୋଗଦେଇ ବ୍ଲକର ଅନ୍ତର୍ଗତ ସମସ୍ତ ପଞ୍ଚାୟତର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି କହିଥିଲେ। ବିକାଶ ପ୍ରଥମେ, ଦଳ ପରେ। ତେଣୁ ବିରୋଧୀ ଦଳକୁ ସାଥିରେ ନେଇ ଦଳମତ ନିର୍ବିଶେଷରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବ୍ଲକର ବିକାଶ କରାଯିବ। ବ୍ଲକର ଲୋକ ପ୍ରତିନିଧି ଭଞ୍ଜନଗର ଆସିଲେ ସେମାନେ ରହିଲା ଭଳି କୌଣସି ସ୍ଥାନ ନାହିଁ। ଆଗାମୀ ଦିନରେ ଏକ ଗେଷ୍ଟ ହାଉସ ହେବ। ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କ ପରାମର୍ଶକୁ ଆଧାର କରି ବିକାଶ ଯୋଜନା କରାଯିବ। ଆଗକୁ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ରହିବ। ତେଣୁ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୫୦୦ ନଳକୂପ ଖୋଳିବା ପାଇଁ ସରକାରଙ୍କ ଅନୁମୋଦନ ଲୋଡ଼ାଯାଇଛି। ଯେଉଁଠି ବିଦ୍ୟୁତ୍ ନାହିଁ ସେଠି ସୋଲାର ଲାଇଟ ମାଧ୍ୟମରେ ପାଣି ଯୋଗାଣ ହେବ। ଭୂମିହୀନଙ୍କୁ ଜମି ପଟ୍ଟା ଦିଆଯିବ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଲେ ଦୋଷୀ କର୍ମଚାରୀଙ୍କ ବିରୋରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ନାୟକ ବୈଠକରେ କହିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର ବିବରଣୀ ପଠନ କରିଥିଲେ। ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭାରପ୍ରାପ୍ତ ଉପ ଜିଲାପାଳ ଉମା ଶଙ୍କର ବେହେରା, ଏମପି ପ୍ରତିନିଧି ରବିନ୍ଦ୍ର ଗୌଡ ପ୍ରମୁଖ ଭାଗ ନେଇଥିଲେ। ଯନ୍ତ୍ରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ସଭାକୁ ସଂଯୋଜନା କରିଥିଲେ।



ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍‌ବୋଧନ ଦେଉଛନ୍ତି।

**■୨୩ ମାସ ପରେ ବସିଲା ପଞ୍ଚାୟତ ସମିତି ବୈଠକ**

# ଉପାନ୍ତ ଅଞ୍ଚଳରେ ହଜିଯାଉଛି ଓଡ଼ିଆ ଭାଷା

■ ବଙ୍ଗଳାରେ କଥାବାର୍ତ୍ତା ହେଉଛନ୍ତି ଲୋକେ

■ ଅନୁପ୍ରବେଶକାରୀଙ୍କ ସଂଖ୍ୟାକୁ ପ୍ରଶାସନିକ ନଜର ନାହିଁ

କେନ୍ଦ୍ରାପଡ଼ା, ୧୧।୨ (ଜଗନ୍ନାଥ ଧଳ)

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଉଦ୍ୟମ ଚାଲିଛି। ସମସ୍ତ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନ ଆଦିରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ଏହି ଭାଷା ହଜିଯାଉଛି। ରାଜନଗର ଓ ମହାକାଳପଡ଼ା ବ୍ଲକର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ଲୋକ ଓଡ଼ିଆ ବଦଳରେ ବଙ୍ଗଳାରେ କଥାବାର୍ତ୍ତା କରୁଛନ୍ତି। ଏପରିକି ସେହି ଅଞ୍ଚଳର ବିଦ୍ୟାଳୟ ମଧ୍ୟରେ ଶିକ୍ଷାର୍ଥୀମାନେ ବଙ୍ଗଳାରେ ଭାବ ବିନିମୟ ହେଉଥିବା ଦେଖାଯାଉଛି। ଜିଲା ପ୍ରଶାସନ ଏ ନେଇ କୌଣସି ତତ୍ପରତା ଦେଖାଉ ନ ଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ରାଜନଗରର ପ୍ରତ୍ୟୁଷ ନାୟକ କହିଛନ୍ତି, ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ଏହି ସଙ୍କଟଜନକ ସ୍ଥିତି ପାଇଁ ଅନୁପ୍ରବେଶ ଦାୟୀ। ୧୯୫୦ରୁ ୭୧ ମସିହା ପର୍ଯ୍ୟନ୍ତ ବାଂଲାଦେଶ ଗୃହଯୁଦ୍ଧ ସମୟରେ ମାତ୍ର ୧୨୩୭ ଜଣଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ୨୦୧୧ ମସିହା ଜନଗଣନାରେ ଜିଲାର ବଙ୍ଗଭାଷୀଙ୍କ ସଂଖ୍ୟା ୭୮ ହଜାରରୁ ଊର୍ଦ୍ଧ୍ୱ ଥିବା ରିପୋର୍ଟ ଦର୍ଶାଇଛି। ଏହି ବଙ୍ଗଭାଷୀଙ୍କ ମଧ୍ୟରୁ ଅଦ୍ୟାବଧି ୪୨ ହଜାରରୁ ଅଧିକ ଭୋଟ ପରିଚୟ ପତ୍ର ହାସଲ କରିଛନ୍ତି। ୨୦୦୪ ମସିହାରେ କେନ୍ଦ୍ର ସରକାରଙ୍କ ତାଗିଦ ପରେ ଅନୁପ୍ରବେଶକୁ ନେଇ ଏକ ସର୍ଭେ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି ତଦନ୍ତ ସମୟରେ ମହାକାଳପଡ଼ା ତହସିଲ ଅଞ୍ଚଳର ୧୫୫୧ ଜଣ, ପଟ୍ଟାମୁଣ୍ଡାଇରେ ୯୦ ଜଣ ଓ ରାଜନଗରର ୩୦ ଜଣ ଅନୁପ୍ରବେଶକାରୀ ବୋଲି ଚିହ୍ନଟ ହୋଇଥିଲେ। ଏଥିମଧ୍ୟରୁ ମହାକାଳପଡ଼ା ତହସିଲ ଅଞ୍ଚଳର




ଚିହ୍ନଟ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଜାରି ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏହା କାର୍ଯ୍ୟକାରୀ ହୋଇନାହିଁ। ବହୁ ସମୟରେ ଅନୁପ୍ରବେଶ ସମ୍ପର୍କରେ ସୂଚନା ମିଳୁଥିଲେ ମଧ୍ୟ ଜିଲା ପ୍ରଶାସନ ଏ ନେଇ ତତ୍ପରତା ପ୍ରକାଶ କରୁନାହାନ୍ତି। ରାଜନଗରର ତପନ କୁମାର କର କହିଛନ୍ତି, ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ୨୦୦୮ ଡିସେମ୍ବର ୯ରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁପ୍ରବେଶ ହେତୁ ଜିଲା ତଥା ଦେଶର ସୁରକ୍ଷା କିପରି ହେବ ବୋଲି ପ୍ରଶ୍ନ ଉଠିଥିଲା। ଏହାସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ଏହାର କୌଣସି ଫରକ ପଡ଼ିନାହିଁ। ଏହି ଦୁଇ ବ୍ଲକ ଅଞ୍ଚଳର ରାମନଗର, ସୁନିତି, ବାବର, ଡାଙ୍ଗମାଳ, ତାଳଚୁଆ, ଭେଙ୍କ୍ଟା, ରଙ୍ଗଣୀ, ଗୁପ୍ତି, ଭିତରକନିକା, ଗହୀରମଥା, ବେଣାକନ୍ଦା, ଜମ୍ବୁ, ଖରିନାସୀ, ବଟିଘର, ପିତାପାଟ, ଅହିରାଜପୁର, ବରଜି ବାହାକୁଦ, ଅମରାବତୀ, ମଞ୍ଜୁଳାପଲ୍ଲୀ, ଦୈତ୍ୟପ୍ରସାଦ, ରାନିପାଟଣା, ବୀରଭଞ୍ଜପୁର, ଭଞ୍ଜପ୍ରସାଦ, ଟିକାୟତ ନଗର, କୃଷ୍ଣନଗର, ରାଜେନ୍ଦ୍ରନଗର, କନକନଗର ଆଦି ଗ୍ରାମଗୁଡ଼ିକ ବଙ୍ଗଭାଷୀଙ୍କ ବସ୍ତି ହୋଇଛି। ବଙ୍ଗଭାଷୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଓଡ଼ିଆ ଭାଷାର ବ୍ୟବହାର କମୁଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ମହେଶ୍ୱର ଜେନା କହିଛନ୍ତି, ସାମ୍ପ୍ରତିକ ସମୟରେ ଓଡ଼ିଶାର ସଂସ୍କୃତି, ପରମ୍ପରା ବିଲୋପ ସହ ଓଡ଼ିଆ ଭାଷା ବିକୃତ ହେବାରେ ଲାଗିଛି। ଉପରୋକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକ ଓଡ଼ିଆ ଭାଷାରେ ଲେଖାପଢ଼ା ସହ କଥାବାର୍ତ୍ତା ପ୍ରତି ବିମୁଖ ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ର ବଙ୍ଗଳାରେ କଥାବାର୍ତ୍ତା ହେବା ସହ ବିଭିନ୍ନ ଦୋକାନରେ ବଙ୍ଗଳା ଭାଷାର ଧର୍ମପୁସ୍ତକ, ପଞ୍ଜିକା, କ୍ୟାଲେଣ୍ଡର ଆଦି ବିକ୍ରି ହେଉଛି। ଏପରିସ୍ଥିତିରେ ଓଡ଼ିଆ ଭାଷାର ସ୍ଥିତି କ'ଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଅନୁପ୍ରବେଶକୁ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ଜିଲାର ସମସ୍ତ ବିଦ୍ୟାଳୟରେ ଓଡ଼ିଆ ଭାଷା ପଢ଼ାଯାଉଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନିତା




@ ଆଭାସ



@ ରମେଶ



@ ଉର୍ମିଳା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟଙ୍କା ଦେଣନେଣ ବିବାଦ କାଳ ହେଲା, ୨ ଗିରଫ

## ସୋବରା ଗ୍ରାମ ଷ୍ଟୁଡିଓ ମାଲିକଙ୍କୁ ହତ୍ୟା ଘଟଣା



ଗିରଫ ୨ ଅଭିଯୁକ୍ତ।

ଯାଜପୁର/ଯାଜପୁର ରୋଡ଼(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି),୧୧।୨

ଯାଜପୁର ଜିଲା ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ସୋବରା ଗ୍ରାମ ଛକରେ ଥିବା ଏକ ଫଟୋ ଷ୍ଟୁଡିଓ ମାଲିକ ଦୀପକ କୁମାର ସାହୁ(୨୩)ଙ୍କୁ ରବିବାର ହତ୍ୟା କରାଯାଇଥିଲା । ଏହି ଘଟଣାରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସୋବରା ଗ୍ରାମର ଶ୍ରୀଧର କବି(୨୩) ଏବଂ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପୁରୁଣାବନ୍ଧଗୁଡା ଗ୍ରାମର ବିଶ୍ୱରଞ୍ଜନ ପଟ୍ଟନାୟକ(୨୩) । ଏନେଇ ଯାଜପୁର ରୋଡ଼ ଥାନାରେ ଭାରତୀୟ ସଂହିତା ଆଇନ ୧୦୩ରେ ଏକ ମାମଲା(ନଂ.୭୦/୨୫) ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ସୂଚନା ଅନୁସାରେ ଦୀପକଙ୍କ ସହ ଶ୍ରୀଧର ଏବଂ ବିଶ୍ୱରଞ୍ଜନ ପୂର୍ବରୁ ଏକାଠି କାମ କରୁଥିଲେ। କିଛି ଦିନ ହେବ ସେମାନଙ୍କ ମଧ୍ୟରେ ଟଙ୍କା ଦେଣନେଣକୁ ନେଇ ବିବାଦ ଲାଗି ରହିଥିଲା। ଏପରି କି ଦୀପକ ଯାଜପୁର ରୋଡ଼ ସହରର ଚୋର୍ଦ୍ଦା ଛକ ନିକଟରେ ଶ୍ରୀଧରଙ୍କୁ ଚାପୁଡ଼ା ମାରିଥିଲେ। ସେଦିନଠାରୁ ପ୍ରତିଶୋଧ ନେବାକୁ ଶ୍ରୀଧର ସୁଯୋଗ ଖୋଜୁଥିଲେ। ଏଥିପାଇଁ ଶ୍ରୀଧରଙ୍କ ଘରେ ଉଭୟ ଅଭିଯୁକ୍ତ ଦୀପକଙ୍କୁ ଗତ ୮ ତାରିଖ ରାତିରେ ଜୀବନରୁ ମାରି ଦେବାକୁ ଯୋଜନା କରିଥିଲେ। ଘଟଣା ଦିନ ଦୀପକ ରାତିରେ ଖାଇବା ପରେ ଫଟୋ ଷ୍ଟୁଡିଓକୁ ଶୋଇବାକୁ ଯାଇଥିଲେ। ଏହାପରେ ଦୁଇ ଅଭିଯୁକ୍ତ ଫଟୋ ଷ୍ଟୁଡିଓକୁ ଯାଇଥିଲେ। ୯ ତାରିଖ ରାତି ୧୨ଟା ୧୯ ମିନିଟ ସମୟରେ ଶ୍ରୀଧର ଫୋନରେ ଦୀପକଙ୍କୁ ଡାକିଥିଲେ। ଷ୍ଟୁଡିଓ କବାଟ ଖୋଲିବା ମାତ୍ରେ ଉଭୟ ଅଭିଯୁକ୍ତ ଭିତରକୁ ଯାଇ ଦୀପକଙ୍କୁ ଆକ୍ରମଣ କରିଥିଲେ। ଦୀପକ ତଳେ ପଡିଯିବାରୁ ତାଙ୍କ ଗୋଡ଼କୁ ବିଦ୍ୟୁତ ତାରରେ ବାନ୍ଧି ଦେଇ ମୁଣ୍ଡକୁ ପଥରରେ ଆକ୍ରମଣ କରିଥିଲେ। ଫଳରେ ଦୀପକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏ କଥା ଜାଣିବା ପରେ ଉଭୟ ଅଭିଯୁକ୍ତ ଦୀପକଙ୍କ ମୋବାଇଲ ଫୋନ୍, ସୁନା ମୁଦି, ଦାମିକିଆ କ୍ୟାମେରା, ବ୍ୟାଟେରି ଇତ୍ୟାଦି ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଦୀପକଙ୍କ ଭାଇ ପ୍ରଦୀପ କୁମାର ସାହୁ ଯାଜପୁର ରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ କରିଥିଲା। ଏସ୍‌ପି ଶ୍ରୀମଲଙ୍କ ନେତୃତ୍ୱରେ ଯାଜପୁର ରୋଡ଼ ଆଇଆଇସି ଉପେନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ହରିଚନ୍ଦନ ପ୍ରମୁଖ ତଦନ୍ତରେ ସାମିଲ ହୋଇଥିଲେ।

# ବର୍ଜ୍ୟରୁ ରନ୍ଧନ ଗ୍ୟାସ୍ ଉତ୍ପାଦନ ହେବ




ପାରାଦୀପ ପୌର ପରିଷଦ ବାୟୋ ଗ୍ୟାସ ପ୍ରକଳ୍ପ ପାଇଁ ଭୂମି ପୂଜନ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ପାରାଦୀପ ପୌରପରିଷଦ ବାୟୋ ଗ୍ୟାସ୍ ପ୍ରକଳ୍ପ ପାଇଁ ଭୂମି ପୂଜନ

ପାରାଦୀପ, ୧୧।୨(ଶରତ ରାଉତ)

ପାରାଦୀପ ପୌରପରିଷଦର ରଙ୍ଗିଆଗଡ଼ଠାରେ ଏକ ନୂତନ ବାୟୋ ଗ୍ୟାସ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ ସୋମବାର ହୋଇଥିଲା। ପୌରାଞ୍ଚଳରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା ଓ ବାସି ଖାଦ୍ୟକୁ ପ୍ରକ୍ରିୟାକରଣ କରି ସେଥିରୁ ରନ୍ଧନ ଗ୍ୟାସ ଉତ୍ପାଦନ କରାଯିବ। ଏହାକୁ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ଛବିଲତା ରାଉତ, ଟେକନିମେଣ୍ଟ ମାୟରେ ଗ୍ରୁପ ସିଇଓ ଆଲେସାଣ୍ଡ୍ରୋ ବରବିନି, ଭାଇସ ପ୍ରେସିଡେଣ୍ଟ ମିଲିନ୍ଦ ବାରିବେ ଆଦି ଉପସ୍ଥିତ ଥିଲେ। ଏହି ପ୍ରକଳ୍ପକୁ ଏନ୍‌ଆଇଟିକେ (ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି କର୍ଣ୍ଣାଟକ) ତିଆରି କରିବ। ପୌରାଞ୍ଚଳରୁ ବାହାରୁ ଥିବା ବର୍ଜ୍ୟବସ୍ତୁରୁ ଦୈନିକ ୧ ଟନ ଗ୍ୟାସ ଉତ୍ପାଦନ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏହା ଓଡ଼ିଶାର ପ୍ରଥମ ବର୍ଜ୍ୟବସ୍ତୁ ବାୟୋ ଗ୍ୟାସ ପ୍ରକଳ୍ପ ହେବାକୁ ଯାଉଛି ବୋଲି କମ୍ପାନୀ ସିଇଓ ବରବିନି ସୂଚନା ଦେଇଛନ୍ତି। ୨୦ ଏକର ଜାଗା ଅଞ୍ଚଳରେ ଏହି ପ୍ରକଳ୍ପ ହେବ। ଏଥିରୁ ଉତ୍ପାଦିତ ଗ୍ୟାସ ଆହାର କେନ୍ଦ୍ରକୁ ଯୋଗାଣ କରାଯିବ ବୋଲି ପୌରପରିଷଦ ପକ୍ଷରୁ କୁହାଯାଇଛି।

# ଖଣ୍ଡା, ଠେଙ୍ଗା ଧରି ବଜାରରେ ଖେଳାଇଲେ ଆତଙ୍କ



ହାତରେ ଖଣ୍ଡା ଓ ଠେଙ୍ଗା ଧରି କେତେଜଣ ଯୁବକ ଆତଙ୍କ ଖେଳାଉଛନ୍ତି।

ପଟ୍ଟାମୁଣ୍ଡାଇ,୧୧।୨(କଳ୍ପତରୁ ନାୟକ)

ହାତରେ ଖଣ୍ଡା ଓ ଠେଙ୍ଗା ଧରି ଆତଙ୍କ ଖେଳାଇଛନ୍ତି କେତେଜଣ ଯୁବକ। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବଜାର କଲେଜ ରୋଡ୍‌ରେ ସୋମବାର ମଧ୍ୟାହ୍ନରେ ଏଭଳି ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ସମସ୍ତ ଘଟଣା ଏକ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଆକ୍ରମଣ କରିଥିବା ଯୁବକ ସ୍ଥାନୀୟ ଚାହାପଡା ଗ୍ରାମର ହୋଇଥିବା ଜଣାପଡ଼ିଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକ ଆତଙ୍କିତ ହୋଇ ପଡ଼ିଛନ୍ତି। ଖଣ୍ଡା, ଠେଙ୍ଗା ଧରି ବାଇକ୍‌ରେ ଆତଙ୍କ ସୃଷ୍ଟି କରାଯାଉଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ପୂର୍ବ ଶତ୍ରୁତାରୁ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଥିବା ନେଇ ପୋଖରିଆପଡ଼ା ଗ୍ରାମର ବିଶ୍ୱଜିତ ମଲିକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

ବିଶ୍ୱଜିତଙ୍କ ଅଭିଯୋଗରୁ ପ୍ରକାଶ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚାହାପଡ଼ା ଗ୍ରାମର ଶୁଭ୍ରଜିତ ନାୟକଙ୍କ ସମେତ କେତେଜଣ ଯୁବକ ଖଣ୍ଡା, ଠେଙ୍ଗା ଧରି ବାଇକ୍‌ରେ ଆସି ଜୀବନରୁ ମାରି ଦେବା ଉଦ୍ଦେଶ୍ୟରେ ତାଙ୍କୁ ଗୋଡାଇଥିଲେ। ଏହା ଦେଖି ବିଶ୍ୱଜିତ ପ୍ରାଣ ବିକଳରେ ସେଠାରୁ ଦୌଡି ପଳାଇ ଯାଇଥିଲେ। ମାତ୍ର ଯୁବକମାନେ ବିଭିନ୍ନ ଖରାପ ଭାଷା ପ୍ରୟୋଗ କରି ବଜାରରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ଏହାର ପୂରା ଘଟଣା ସିସିଟିଭିରେ କଏଦ ହୋଇଛି। ଏହି ଘଟଣାରେ ୧୦ ଜଣ ସମ୍ପୃକ୍ତ ଥିବା ସିସିଟିଭିରୁ ଜଣାପଡ଼ିଛି। ପୋଲିସ ନଂ. ୪୬/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ଯିଏ ଅଭିଯୁକ୍ତ ଥିବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କ୍ଷମାସାଗର ପଣ୍ଡା କହିଛନ୍ତି। ତେବେ ଏ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି।

# ଆସିଲାନି ଆମ୍ବୁଲାନ୍ସ, ଟ୍ରଲିରେ ବୁହାହେଲେ ରୋଗୀ

କଳିଙ୍ଗନଗର,୧୧।୨
(ଶୁଭାଶିଷ ରାଉତ)



ରୋଗୀଙ୍କୁ ଟ୍ରଲିରେ ମେଡିକାଲ ନିଆଯାଉଛି।

ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ଯାଜପୁର ଜିଲା ସୁକିନ୍ଦା ଗଡ଼ର ଜଣେ ରୋଗୀଙ୍କୁ ମଙ୍ଗଳବାର ଟ୍ରଲିରେ ସୁକିନ୍ଦା ମେଡିକାଲ ନିଆଯାଇଛି। ସେ ହେଲେ ରମେଶ ନାଏକଙ୍କ ସ୍ତ୍ରୀ ଜିନା ନାଏକ। ଗାଧେଇବା ସମୟରେ କୌଣସି କାରଣରୁ ଜିନା ଗୁରୁତର ହୋଇ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ମେଡିକାଲ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ୨ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବ ବୋଲି ସୂଚନା ମିଳିଥିଲା। ଫଳରେ କୌଣସି ଉପାୟ ନ ପାଇ ପରିବାର ଲୋକେ ଜିନାଙ୍କୁ ଟଲି ସାହାଯ୍ୟରେ ମେଡିକାଲ ନେଇଥିଲେ। ସରକାରଙ୍କ ଏତେ ଯୋଜନା ପରେ ବି ଟଲିରେ ରୋଗୀ ବୁହା ହେବା ଘଟଣା ସମସ୍ତଙ୍କୁ ବିଚଳିତ କରୁଛି। ଏହି ଘଟଣା ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାର ଲାଗିଛି।

# ଶାଳିଜଙ୍ଗା ମହିମା ଆଶ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼

## ଚତୁର୍ଦ୍ଦଶୀ ମେଳା

ନାଉଗାଁ, ୧୧।୨(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଦ୍ୱିତୀୟ ଯୋରନ୍ଦା ନାମରେ ଅଭିହିତ ଶାଳିଜଙ୍ଗା ମହିମା ଆଶ୍ରମରେ ମଙ୍ଗଳବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିମା ଆଶ୍ରମର ବାବା ଗଦାଧର ଦାସ ଅଖଣ୍ଡ ଝାଡ ଦୀପ ଲଗାଇଥିଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ସମେତ ମହିମା ଅଲେଖ ଡାକରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ପ୍ରାତଃ ସମୟରୁ ଉକ୍ତ ପୀଠକୁ ଆସିଥିଲେ। ଶ୍ରଦ୍ଧାଳୁମାନେ ଧୁନିରେ ପକାଇବା ପାଇଁ ଘିଅ, ନଡ଼ିଆ, କଦଳୀ ଆଦି ଆଣି ଆସିଥିଲେ। ଆଶ୍ରମ ପରିସରରେ ଥିବା ଶୂନ୍ୟ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିରଗୁଡ଼ିକ ରଙ୍ଗବେରଙ୍ଗର ଫୁଲରେ ସଜ୍ଜା ହୋଇଥିଲା। ରାତିସାରା ଶ୍ରଦ୍ଧାଳୁମାନେ ଏଠାରେ ଉଜାଗର ରହିଥାନ୍ତି। ଯେଉଁ ଶ୍ରଦ୍ଧାଳୁମାନେ ଏଠାକୁ ଆସନ୍ତି କେହି ଖାଲି ହାତରେ ଫେରନ୍ତି ନାହିଁ ବୋଲି କୁହାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶ୍ରଦ୍ଧାଳୁମାନେ ଆଣୁଥିବା ପରିବା ଏଠାରେ କଟା ନ ଯାଇ ପ୍ରସାଦ ଭାବେ ଗୋଟା ରୋଷେଇ କରାଯାଇଥାଏ। ପୂଜାର୍ଚ୍ଚନା ସରିବା ପରେ ସକାଳ ସମୟରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଏହି ପ୍ରସାଦ ସେବନ କରିଥାନ୍ତି। ମେଳାକୁ ଦୃଷ୍ଟିରେ ରଖି ମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ ଉଠା ଦୋକାନ ଖୋଲାଯାଇଛି। ସ୍ଥାନୀୟ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ଜୁନିୟର ରେଡକ୍ରସ ଛାତ୍ରୀଙ୍କ ଦ୍ୱାରା ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରାଯିବା ସହ ଆଶ୍ରମ ପରିସରକୁ ସଫା ସୁତୁରା କରାଯାଇଥିଲା। ସନ୍ଧ୍ୟା ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ନାଉଗାଁ ଥାନା ଭାରାପ୍ରାପ୍ତ ଅଧିକାରୀ ନୀଳମଣି ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦିନ ତମାମ ମହିମା ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା।



ଶାଳିଜଙ୍ଗା ମହିମା ଆଶ୍ରମ।

# ସୁଖ୍‌ବିନ୍ଦର ସିଂହଙ୍କ ଗୀତରେ ଝୁମିଲେ ଦର୍ଶକ

## ଯାଜପୁର ଜିଲା ମହୋତ୍ସବ ଯଯାତିର ୪ର୍ଥ ସନ୍ଧ୍ୟା

ଯାଜପୁର ଟାଉନ,୧୧।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ମହୋତ୍ସବ ଯଯାତିର ୪ର୍ଥ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ବଲିଉଡ୍‌ର ଲୋକପ୍ରିୟ ଗାୟକ ସୁଖବିନ୍ଦର ସିଂହ ଯୋଗଦେଇ ସଂଗୀତ ପରିବେଷଣ କରିଥିଲେ। ତାଙ୍କ ସଙ୍ଗୀତରେ ଦର୍ଶକ ଝୁମି ଉଠିଥିଲେ। ସୁଖବିନ୍ଦରଙ୍କ 'ଚଲ ଛୟାଁ ଛୟାଁ ଛୟାଁ ଛୟାଁ', 'ଜୈ ହୋ ଜୈ ହୋ...', 'ଓ କିସ୍‌ନା ହୈ', 'ପେରୋମେଁ ଦେଖୋ ଘୁଙ୍ଗୁରୁ କି ବିଜୁରିଆ' 'ସୁଲତାନ୍', 'ବାବୁଜି ଜରା ଧିରେ ଚଲୋ' 'ସିଙ୍ଗମ୍' ''ବଞ୍ଜାରା'' 'ଦିଲ୍ ମେ ହୈ ତେରେ ଦର୍ଦ୍ଦେ ଡିସ୍‌କୋ' ଆଦି ଗୀତ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ସେହିପରି ଆସାମ୍ ପ୍ରଦେଶର କାପୁର ସାଂସ୍କୃତିକ ଗ୍ରୁପ୍ ଦ୍ୱାରା ପ୍ରଦର୍ଶିତ ବିହୁ ନୃତ୍ୟ ଦର୍ଶମାନଙ୍କୁ ବିଭୋର କରିଥିଲା। ପରେ ମଲଖମ୍ଭ ନୃତ୍ୟ, ଷ୍ଟ୍ରିଟ୍ ଫାଇଟର ଗ୍ରୁପ୍ ଦ୍ୱାରା ଶିବନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଏହି ସନ୍ଧ୍ୟାକୁ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ, ବୟନ ଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଯାଜପୁରର ଐତିହ୍ୟ, ପରମ୍ପରା, ସାଂସ୍କୃତିକ, ଭୌଗୋଳିକ, ଭୂତତ୍ତ୍ୱିକ ଏବଂ ଧାର୍ମିକ ପୃଷ୍ଠଭୂମୀ ବିଷୟରେ ଆଲୋକପାତ କରିଥିଲେ। ଜିଲା ଖଣିଜ ପଦାର୍ଥ କ୍ରୋମାଇଟ୍‌ରେ ଭାରତର ଅଗ୍ରଣୀ ଅଞ୍ଚଳ ବୋଲି ପ୍ରକାଶ କରିବା ସହ ଧାର୍ମିକ ଦୃଷ୍ଟିରୁ ମା' ବିରଜା, ଖଣ୍ଡୁରାଇ ଦେବୀଙ୍କ ଯାଜପୁର ଅଞ୍ଚଳ ବୋଲି ପ୍ରକାଶ କରିଥିଲେ। ବହୁ ମହାମନିଷୀ ଏହି ମାଟିରୁ ଜନ୍ମନେଇ ରାଜ୍ୟ ତଥା ଦେଶ ଏବଂ ଦେଶ ବାହାରେ ସୁନାମଅର୍ଜନ କରିଛନ୍ତି। ଆଗାମୀ ଦିନରେ ମହୋତ୍ସବକୁ ଆହୁରି ଅଧିକ ବିକଶିତ କରାଯିବ ବୋଲି ମନ୍ତ୍ରୀ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ଜିଲାପାଳଙ୍କ ସାହାଯ୍ୟ ଏବଂ ମହୋତ୍ସବ ପାଳନର ଅଙ୍ଗିକାରବଦ୍ଧତାକୁ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ପ୍ରଶଂସା କରିଥିଲେ। ଏଥିସହିତ ମନ୍ତ୍ରୀ ଯାଜପୁରକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବାର ଯେଉଁ ପ୍ରୟାସ କରିଛନ୍ତି ତାହାକୁ ବେହୁରିଆ ପ୍ରଶଂସା କରିଥିଲେ। ଘୋଷକ ପିୟୁଷ ଏବଂ ଘୋଷିକା ମୁନ୍‌ମୁନ୍ ମଞ୍ଚ ପରିଚାଳନା କରିଥିଲେ।



ସୁଖବିନ୍ଦର ସିଂହ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଶ୍ରମ ବିଭାଗରେ ବଢ଼ୁଛି ଅସହଯୋଗ

ନୟାଗଡ଼,୧୧।୨(ଲୋକନାଥ ମିଶ୍ର)

■ଶତାଧିକ ଥର ଦୌଡ଼ିଲା ପରେ ବି ଶ୍ରମକାର୍ଡ ମିଳୁନି
■ଯୋଜନା ଅପହଞ୍ଚ ହେଉଥିବାରୁ ମିଳୁନି ସୁଫଳ
■ସଚେତନତା ରଥ ପରିକ୍ରମା ଲୋକ ଦେଖାଣିଆ

ନୟାଗଡ଼ ଜିଲାରେ ଶ୍ରମ ବିଭାଗ ଶ୍ରମିକମାନଙ୍କୁ ଅସହଯୋଗ କରୁଥିବା ଅଭିଯୋଗ ହୋଇ ଆସୁଛି। ଶ୍ରମ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ସହଯୋଗ ବଦଳରେ ଅସହଯୋଗ ଶ୍ରମିକଙ୍କ ଅଶାନ୍ତିର କାରଣ ପାଲଟିଛି। ଶ୍ରମିକ କାର୍ଡ ପାଇବା ପାଇଁ ଜଣେ ଶ୍ରମିକଙ୍କୁ ଶତାଧିକ ଥର ଦୌଡିବା ପରେ ବି କାର୍ଡ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଦାଦନ ଓ ଶିଶୁ ଶ୍ରମିକ ଜିଲା ପାଇଁ ଚିନ୍ତାର କାରଣ ପାଲଟିଛି। ଜିଲାରେ ଶ୍ରମ ବିଭାଗର କାର୍ଯ୍ୟକାଳପକୁ ଅନୁଧ୍ୟାନ କଲେ ଶ୍ରମ ବିଭାଗ ଥିଲା ପରି ଅନେକ ଅନୁଭବ କରୁ ନ ଥିବା ଶ୍ରମିକମାନେ ଅଭିଯୋଗ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରମିକଙ୍କୁ ଅଣଦେଖା କରାଯାଇ ରଥ ପରିକ୍ରମା କଲେ ସଚେତନତା ସୃଷ୍ଟିରୁ ସୁଫଳ ମିଳିବ ବୋଲି ଯେଉଁ ଆଶା କରାଯାଉଛି ତାହା ବୃଥା ହେବ ବୋଲି ଅନେକ ଶ୍ରମିକ ମତବ୍ୟକ୍ତ କରିଛନ୍ତି। ଏନେଇ କଣ୍ଟିଲୋର ରବି ଦାସ ନାମକ ଜଣେ ଶ୍ରମିକ କୁହନ୍ତି, ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବା ପାଇଁ ଗତ ମାର୍ଚ୍ଚ ୨୦୨୪ରେ ଅନ୍‌ଲାଇନରେ ଆବେଦନ କରିଥିଲି। ହେଲେ ମୋ ଆବେଦନ ଶୀତଳ ଭଣ୍ଡାରକୁ ଚାଲିଯିବା ପରେ ଅନେକ ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଆପତ୍ତି କରିଛି। ହେଲେ ସୁଫଳ ପାଇନି। ସରକାରଙ୍କ ଯୋଜନା ଭଲ। ହେଲେ ଆମ ପରି ଶ୍ରମିକମାନଙ୍କୁ କାହିଁକି ଅଣଦେଖା କରାଯାଉଛି ବୁଝାପଡୁନି। ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର ଗାଁର ନଟବର ବେହେରା କୁହନ୍ତି, ନିର୍ମାଣ ଶ୍ରମିକ ପାଇଁ ୬ମାସରୁ ଊର୍ଦ୍ଧ୍ୱ ହେବ ଆବେଦନ କରିଛି। ହେଲେ ମୋ ପରିଚୟ ପତ୍ର ମିଳୁନି। ମୋ ପଛରେ ଆବେଦନ କରିଥିବା କେତେଜଣ ଶ୍ରମିକ କାର୍ଡ ପାଇ ସାରିଲେଣି। ହେଲେ ମୁଁ ପାଇ ପାରିନାହିଁ। ହାତଗୁଞ୍ଜା ନ ପାଇବାରୁ ମୋ କାର୍ଡ ହୋଇ ପାରି ନ ଥିବା ଜାଣିବାକୁ ପାଇଲି। କେତେଜଣ ଶ୍ରମିକ ହାତଗୁଞ୍ଜା ଦେଇ ଶ୍ରମ କାର୍ଡ ହାତେଇ ନେଉଥିବା ଶୁଣିଛି। ମୋ ପାଖରେ ଲାଞ୍ଚ ଦେବାକୁ ଟଙ୍କା ନ ଥିବାରୁ ସରକାରୀ ଶ୍ରମ ବିଭାଗ ଯୋଜନାର ସୁଫଳ ପାଇପାରି ନାହିଁ ବୋଲି ସେ କ୍ଷୋଭର ସହ କହିଛନ୍ତି। ଗଣିଆର ମମତା ଲେଙ୍କା କୁହନ୍ତି, ମୁଁ ଅଣସଙ୍ଗଠିତ ଶ୍ରମିକ ପାଇଁ ଆବେଦନ କରିଥିଲି। ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଗଲାଣି। ହେଲେ ମୋ କାର୍ଡ ମୋତେ ମିଳୁନି। ବାରମ୍ବାର ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସୁଫଳ ପାଉନାହିଁ। ଚଢ଼େୟାପଲ୍ଲୀ ତାମୁଣ୍ଡିର ପାର୍ବତୀ ଯାନି କୁହନ୍ତି, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ୨୦ରୁ ୩୦ ଥର ଦୌଡ଼ିଲି। ଜିଲାପାଳଙ୍କ ଅଭିଯୋଗେ ଶୁଣାଣୀରେ ଅଭିଯୋଗ କଲି। ବାରମ୍ବାର ଖର୍ଚ୍ଚାନ୍ତ ହୋଇ ସୁଫଳ ନ ପାଇବାରୁ ମନ ଦୁଃଖରେ ଆଉ ଅଭିଯୋଗ କରୁ ନାହିଁ ବୋଲି କହିଛନ୍ତି। ଲେଙ୍କୁଡିପଡାର ଦେବବ୍ରତ ସାହୁ କୁହନ୍ତି, ମୁଁ ବିଦ୍ୟୁତ୍ କାମ କରେ। ମୁଁ ନିର୍ମାଣ ଶ୍ରମିକ ପାଇଁ ଆବେଦନ କଲି। ହେଲେ ମୋର ନିର୍ମାଣ ଶ୍ରମିକରେ ହେବନି ଅଣସଙ୍ଗଠିତ ଶ୍ରମିକରେ ଆବେଦନ କରିବାକୁ କୁହାଗଲା। ପ୍ରାୟ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତି ଗଲାଣି ହେଲେ ମୋର କାର୍ଡ ମିଳୁନି। ମୋ ପରି ଅନେକ ଲୋକ ଶ୍ରମ ବିଭାଗର କାର୍ଡ ପାଉ ନାହାନ୍ତି। ଶ୍ରମିକ ଚଢ଼େୟାପଲ୍ଲୀର କବି ନାୟକ କୁହନ୍ତି, ଶ୍ରମ ବିଭାଗର କାର୍ଡ ପାଇଁ ଶ୍ରମ କାର୍ଯ୍ୟାଳୟକୁ ୧୦୦ରୁ ଊର୍ଦ୍ଧ୍ୱ ଥର ଦୌଡିଲି। ଶେଷରେ ହାଇକୋର୍ଟରେ ୨୯।୧୧।୨୦୨୪ ଅଭିଯୋଗ କରିବା ପରେ ମାମଲା ବି ହେଲା। ଯାହା ବିଚାରଧୀନ ରହିଛି।

ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାର ଚିତ୍ତ ରଞ୍ଜନ ରାଉତ କୁହନ୍ତି, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। କାହାରିକୁ ହଇରାଣ କରାଯାଉନି। ମୁଁ ରହିବା ଦିନ ଠାରୁ ଅଫିସକୁ ୧୦୦ ଦିନ କୌଣସି ଶ୍ରମିକ କାର୍ଡ ପାଇଁ ଦୌଡିବା ସଂକ୍ରାନ୍ତରେ ଜାଣିନି। ଅନ୍ୟପକ୍ଷେ ଶ୍ରମକ କାର୍ଡ ହେଉନି ବୋଲି ଅଭିଯୋଗ ମୁଁ ପାଇନାହିଁ। ସରକାରୀ ଯୋଜନାର ସୁଫଳ ଶ୍ରମିକମାନେ ପାଇବା ପାଇଁ ନେଇ ଆମର ଉଦ୍ୟମ ଜାରି ରଖିଛୁ। ଲାଞ୍ଚ କାରବାର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଯଦି କୌଣସି ଅଭିଯୋଗ ରହିଛି ସେ ସଂକ୍ରାନ୍ତରେ ମୋତେ ଜଣାଇବା ଦରକାର ବୋଲି ସେ କହିଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକ ମୃତ

ଖଣ୍ଡପଡ଼ା,୧୧।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାର ଏକ ବାଇକ୍ ଗ୍ୟାରେଜରେ କାମ କରୁଥିବା ଖଳିସାହି ଗ୍ରାମର ପ୍ରଭାତ କୁମାର ସାହୁଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି । ସେ ଗତ ୮ ତାରିଖ ରାତିରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଖଣ୍ଡପଡା- ଖଳିସାହି ରାସ୍ତାର ସନ୍ଥ ନିରଙ୍କରୀ ଆଶ୍ରମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି । ଏକମାତ୍ର ରୋଜଗାରକ୍ଷମ ଯୁବକଙ୍କ ଅକାଳ ବିୟୋଗରେ ପରିବାରବର୍ଗ ଭାଙ୍ଗି ପଡିଛନ୍ତି। ମୃତକଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଶ୍ରମିକ ସଚେତନତା ରଥ ଉଦ୍‌ଘାଟିତ



ଶ୍ରମିକ ସଚେତନତା ରଥର ଯାତ୍ରାକୁ ଶୁଭାରମ୍ଭ କରାଯାଉଛି।

ନୟାଗଡ଼,୧୧।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ ମଙ୍ଗଳବାର ଶ୍ରମିକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଦ୍ୱାରା ଉକ୍ତ ରଥ ଉଦ୍‌ଘାଟନ ହୋଇଛି। ଶ୍ରମିକ ସଚେତନତା ରଥ ଏକ ମାସ ବ୍ୟାପୀ ଜିଲାର ସମସ୍ତ ବ୍ଲକ, ଏନ୍‌ଏସି, ଶ୍ରମିକ ହାଟ, ଜନ ବହୁଳ ସ୍ଥାନ ଓ ନିର୍ମାଣଧୀନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ସହ ରାଜ୍ୟ ସରକାର ଓ ଶ୍ରମ ବିଭାଗର ଜନାଭିମୁଖୀ ଓ ଶ୍ରମିକ କଲ୍ୟାଣ ଯୋଜନାଗୁଡିକ କିଭଳି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ସଚେତନତା ସୃଷ୍ଟି କରିବ । ବିଭିନ୍ନ ଶ୍ରମ କଲ୍ୟାଣ ବୋର୍ଡ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଯଥା ଓଡ଼ିଶା କୋଠବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ସୁରକ୍ଷା ବୋର୍ଡ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଅଣ ସଂଗଠିତ ଶ୍ରମିକ ସାମାଜିକ ଯୋଜନାଗୁଡିକ ସହ ଜିଲାକୁ ଶିଶୁ ଶ୍ରମିକ ମୁକ୍ତ ଓ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ଅଧିକାର,କର୍ତ୍ତବ୍ୟ ଏବଂ ସେମାନଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ସରକାରୀ ନିୟମ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରିବ।

ଆଜିର ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଉପ ଜିଲାପାଳ କର୍ଣ୍ଣଦେବ ସମାଦର, ସଭାପତି ଜିଲା ଶିଶୁ ମଙ୍ଗଳ କମିଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହିତ ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ସହ ଶ୍ରମ ଅଧିକାରୀ ଅବଦୁଲ କାଦିର ଖାନ, ଜ୍ଞାନରଞ୍ଜନ ସାହୁ, ପୂଜାରିନ ସାମଲ, ମୋନିକା ସେଠ ଓ ଅନ୍ୟ ଶ୍ରମିକ ସଙ୍ଗଠନ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି

ନୟାଗଡ଼,୧୧।୨(ଲୋକନାଥ ମିଶ୍ର)

ମଙ୍ଗଳବାର ବାଉଁଶିଆପଡା ଇଟାମାଟି ମଣ୍ଡଳ ପକ୍ଷରୁ ନୟାଗଡ଼ରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ପାଳନ କରାଯାଇଛି। ଏଥିରେ ମଣ୍ଡଳରୁ ୪ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପଣ୍ଡିତ ଦୀନଦୟାଲଙ୍କ ତ୍ୟାଗପୂର୍ଣ୍ଣ ଜୀବନୀ ତଥା ବଳିଦାନ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ। ସେହିପରି ପ୍ରତିଜ୍ଞା କରିଥିଲେ ପଣ୍ଡିତ ଦୀନ୍‌ଦୟାଲଙ୍କ ବଳିଦାନଙ୍କୁ ନିରର୍ଥକ ନ କରି ଏକାନ୍ତ ମାନବବାଦ କଥାକୁ ଚରିତାର୍ଥ କରାଯିବ। ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ବସନ୍ତ ପଟ୍ଟନାୟକ , ସ୍ନେହ ରଞ୍ଜନ ଜୟସିଂହ , ଚନ୍ଦନ ଦାସ , ବୃନ୍ଦାବନ ପ୍ରଧାନ ପ୍ରମୁଖ ଯୋଗଦେଇ ଦୀନ୍‌ଦୟାଲଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରକାଶ ଜେନା, ପ୍ରକାଶ ସ୍ୱାଇଁ ରାଜକିଶୋର ମହାନ୍ତି, ଅମୂଲ୍ୟ ମହାନ୍ତି, ସୁରେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବରେ ସାମିଲ ହୋଇଥିବା ଭାଜପା କର୍ମୀ।

## ୨୧,୯୨୬ ଜଣଙ୍କୁ କୃମିନାଶକ ଔଷଧ ବଣ୍ଟନ

ଖଣ୍ଡପଡ଼ା,୧୧।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ଅଙ୍ଗନୱାଡ଼ି ଶିକ୍ଷାନୁଷ୍ଠାନରେ ୨୧ ହଜାର ୯ଶହ ୨୬ ଜଣଙ୍କୁ କୃମିନାଶକ ଔଷଧ ସୋମବାର ବଣ୍ଟନ କରାଯାଇଛି । ଏହି କୃମିନାଶକ ଔଷଧ ସାରା ଦେଶରେ ପ୍ରତି ବର୍ଷର ଫେବୃଆରୀ ଓ ଅଗଷ୍ଟ ୧୦ ତାରିଖରେ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏ ପରିପ୍ରେକ୍ଷୀରେ ଜନ୍ମରୁ ୧୯ ବର୍ଷ ବୟସର ଶିଶୁ, ଗର୍ଭବତୀ ନ ଥିବା ଅଥବା ସ୍ତନ୍ୟପାନ କରାଇ ନ ଥିବା ୨୦ରୁ ୨୪ ବର୍ଷ ବୟସ୍କ ମଧ୍ୟରେ ଥିବା ପ୍ରଜନନକ୍ଷମ ମହିଳାଙ୍କୁ ଏହି କୃମିନାଶକ ଔଷଧ ବଣ୍ଟନ କରାଯାଇଥିବା ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା କହିଛନ୍ତି। ଡା.ପଣ୍ଡାଙ୍କ ସୂଚନା କ୍ରମେ ବ୍ଲକ୍ ଅଞ୍ଚଳର ୧୬୯ ଅଙ୍ଗନୱାଡ଼ି କେନ୍ଦ୍ର ଓ ୧୧୪ ବିଦ୍ୟାଳୟରେ ୨୧ ହଜାର ୯୨୬ ଜଣଙ୍କୁ ଏହି ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଶେଷ ହୋଇଛି । ଏହି ଔଷଧ ସେବନ ଦ୍ୱାରା ପିଲାମାନଙ୍କ ନିରାପଦ ଜୀବନଯାପନ ସହିତ ଶିକ୍ଷା, ରୋଜଗାର ଏବଂ ଦୀର୍ଘକାଳୀନ ସୁସ୍ଥତାର ସୂଚକାଙ୍କ ଫଳାଫଳରେ ଉଲ୍ଲେଖନୀୟ ଉନ୍ନତି ଆସିଥାଏ ବୋଲି ଡା.ପଣ୍ଡା ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନିତା



@ ଆଭାସ



@ ଦେବାଶିଷ



@ ରମେଶ



@ ଉର୍ମିଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧୫ କିଲୋମିଟରରେ ୨୧ ହମ୍ପସ

ରଣପୁର-ଚାନ୍ଦପୁର ରାସ୍ତା

ନୟାଗଡ଼,୧୧।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକର ରଣପୁର-ଚାନ୍ଦପୁର ରାସ୍ତାରେ ୧୫ କିମି ରାସ୍ତାରେ ୨୧ଟି ହମ୍ପସ ରହିଛି। ରାସ୍ତାରେ ଥିବା ଏହି ବଡ ହମ୍ପସ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷେ କେତେକ ସ୍ଥାନରେ ରମ୍ବଲସ ପରି ଦେଖା ଯାଉଥିଲେ ମଧ୍ୟ ତାହା ହମ୍ପସ ପରି ନିର୍ମାଣ ହେଉଛି। ରାସ୍ତାପାର୍ଶ୍ୱରେ କେତେକ ସ୍କୁଲ ଓ ବାଙ୍କ ରାସ୍ତା ଥିବାବେଳେ ସେହି ସମ୍ମୁଖରେ ହମ୍ପସ ନାହିଁ। କିନ୍ତୁ ଅଦରକାରୀ ସ୍ଥାନରେ ହମ୍ପସ କରାଯାଇଛି। ନୂଆ ରାସ୍ତାରେ ଏଭଳି ହମ୍ପସକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଲାଣି। ଏହାକୁ ତୁରନ୍ତ ଉଚ୍ଛେଦ କରିବାକୁ ଦାବି ହୋଇଛି।

## ଗୁଡୁପାଙ୍ଗିରେ ବିଶ୍ୱଶାନ୍ତି ମହାଯଜ୍ଞ

ନୟାଗଡ଼,୧୧।୨(ଲୋକନାଥ ମିଶ୍ର)

ନୂଆଗାଁ ବ୍ଲକର ଗୁଡୁପାଙ୍ଗି ବଡରାଉଳୀ ପୀଠରେ ଗତ ୯ ତାରିଖରେ ଆରମ୍ଭ ହେଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ୧୧ ତାରିଖରେ ପୂର୍ଣ୍ଣାହୁତି ହୋଇଯାଇଛି। ବଡ଼ରାଉଳୀ ଯଜ୍ଞ କମିଟି ଓ ଗୁଡୁପାଙ୍ଗି ଗାଁଲୋକଙ୍କ ତରଫରୁ ୩ଦିନ ଧରି ଯଜ୍ଞ କରାଯାଇଥିଲା। ଏଥିରେ ସଂକୀର୍ତ୍ତନ, ବାଦୀ ଭାରତ ଲୀଳା ପରି ସାଂସ୍କୃତିକ ଆସର ଲାଗି ରହିଥିଲା।

## ୧୦ ପାକ୍ସ ସମ୍ପାଦକଙ୍କୁ କାରଣଦର୍ଶାଅ ନୋଟିସ

ନୟାଗଡ଼,୧୧।୨(ଲୋକନାଥ ମିଶ୍ର)

ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯିବା ପରେ ନୟାଗଡ଼ ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ୧୦ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଚିଠି ପାଇବାର ୩ କାର୍ଯ୍ୟ ଦିବସ ଭିତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି। କାରଣଦର୍ଶାଅ ନୋଟିସ୍ ଖଣ୍ଡପଡ଼ା ବ୍ଲକର ଖଣ୍ଡପଡ଼ା ଓ ଶିଖରପୁର ପାକ୍ସ ସମେତ ଭାପୁର ବ୍ଲକର ଚକ୍ରଧରପ୍ରସାଦ, ଗୋଳାପୋଖରୀ, ନିମାଣିର ପଲ୍ଲୀକୃଷକ, ନୂଆଗାଁ ବ୍ଲକର ମାଳିସାହି, ଦଶପଲ୍ଲା ବ୍ଲକର ମହାବୀର ପାକ୍ସ, ନୟାଗଡ଼ ବ୍ଲକର ବିରୁଡା ମର୍ଦ୍ଦରାଜପୁର, ମାଛିପଡା ଓ ଘଡୁଆଳ ପାକ୍ସ ସମ୍ପାଦକଙ୍କ ନାଁ ରହିଛି।

କାରଣଦର୍ଶାଅ ନୋଟିସ୍ ଅନୁଯାୟୀ, ଚଳିତ ବର୍ଷ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟା ପଲିସିକୁ ସଂପୃକ୍ତ ପାକ୍ସମାନେ ଅବମାନନା କରିଛନ୍ତି। କଟ୍‌ନିଛଟ୍‌ନି ନ କରିବାକୁ ସରକାରୀ ନିର୍ଦ୍ଦେଶନାମା ଥିବାବେଳେ ତାହା ବଳବତ୍ତର ରଖିଛନ୍ତି। ପାକ୍ସକୁ ଯୋଗାଣ ହେଉଥିବା ଉପକରଣ କିମ୍ବା ମେଶିନରେ ଧାନର ମାନ ପରୀକ୍ଷା ନ କରି ମନଇଚ୍ଛା କିଣା ଯାଉଛି। ଧାନ ବିକ୍ରି ପରେ ଭେଣ୍ଡର ରସିଦ୍ ଦିଆଯାଉନି। ପାକ୍ସକୁ ପଲିଥିନ(ତାରପୋଲିନ) ଦିଆଯାଇଥିଲେ ମଧ୍ୟ ଚାଷୀଙ୍କ ପାଇଁ ବ୍ୟବହାର କରାଯାଉନାହିଁ। ଚାଷୀ ନ ଜାଣି ବି ଟୋକନ ବାହାରି ପାରୁଛି। ଚାଷୀ ଧାନ ବିକ୍ରି କରିବାକୁ ଆସିଥିବାବେଳେ ଖରାପ ବ୍ୟବହାର କରାଯାଉଛି। ପାକ୍ସରେ ଧାନ ନ ରଖି ଚାଷୀଙ୍କୁ ପ୍ରବର୍ତ୍ତାଉଛନ୍ତି ମିଲ୍ ପଏଣ୍ଟରେ ଧାନ ଦେବା ପାଇଁ। ସପ୍ତାହର ୭ଦିନ ଧାନ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ପାକ୍ସ ସମ୍ପାଦକ ମଣ୍ଡି ଖୋଲି ଧାନ କିଣୁ ନ ଥିବା ପରି ଅଭିଯୋଗ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କରାଯାଇଛି।

କଟ୍‌ନିଛଟ୍‌ନିରେ ଅତିଷ୍ଠ ହୋଇ ନୟାଗଡ଼ ଜିଲାର ଚାଷୀମାନେ ଉତ୍ତେଜିତ ହୋଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବା ସହିତ ଅଫିସ ଭିତରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଣ୍ଡରେ ଝାମ୍ପି, ହାତରେ ଠେଙ୍ଗା ଓ ଲଙ୍ଗଳ ଧରି ପ୍ରଶାସନର କାର୍ଯ୍ୟକୁ ନାପସନ୍ଦ କରି ଛି ଛି କହି ନାନା ସ୍ଲୋଗାନ ଦେଇଥିଲେ। ଉପଜିଲାପାଳ କର୍ଣ୍ଣଦେବ ସମାଦାର ପହଞ୍ଚି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରତ୍ୟାହୃତ କରାଯାଇଥିଲା। ମଙ୍ଗଳବାର ଗତ ୧୦ ତାରିଖ ଚିଠିନଂ. ୫୦ରେ ୧୦ ପାକ୍ସ ସମ୍ପାଦକଙ୍କୁ ଏଆର୍‌ସିଏସ୍ ପ୍ରାର୍ଥନା ପ୍ରିୟଦର୍ଶିନୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

## ୬୦୭ କାମ ଶେଷ, ୬୯୧ ପ୍ରକଳ୍ପ କାମ ଚାଲିଛି

### ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

ଗଣିଆ,୧୧।୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ଗ୍ରାମାଞ୍ଚଳର ଲୋକ ସମ୍ବଳର ସ୍ଥାୟୀ ବିନିଯୋଗ ସହ ଜୀବିକାର ସୁରକ୍ଷା ତଥା ଅର୍ଥନୈତିକ ଉନ୍ନତି ଲକ୍ଷ୍ୟ ରହିଛି। ଉକ୍ତ ଯୋଜନାକୁ କିଭଳି ଭାବେ ପଞ୍ଚାୟତସ୍ତରରେ କରାଯାଇ ସମ୍ବଳ ସୃଷ୍ଟି କରାଯାଇପାରିବ ଯାହାକି, ଲୋକମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରାଯିବା ନେଇ ଆଲୋଚନା କରାଯାଇଥିଲା। ତେବେ ଏହି ଶିବିରରେ କୌଣସି ଜବ୍‌କାର୍ଡଧାରୀ ଉପସ୍ଥିତ ନ ଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତ, ବ୍ଲକ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।



ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିରରେ ଜନପ୍ରତିନିଧି ଓ ଅନ୍ୟମାନେ।

କେତେଗୁଡିଏ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କିଛି ସ୍ଥାନରେ ନାଗରିକ ସୂଚନା ଫଳକ ଓ ଗ୍ରାମସଭା ଅନୁମୋଦନ ଭଳି କାଗଜପତ୍ରରେ ଅନେକ ତ୍ରୁଟି ରହିଥିବାରୁ ଜିଲା ସାମାଜିକ ସୁରକ୍ଷା ଅଡିଟର ବିଜୟ ନାରାୟଣ ବଳିଆର ସିଂ , ଜିଲା ପରିଷଦ ନୟାଗଡ଼ ଅତିରିକ୍ତ ନିର୍ବାହୀ ଅଧିକାରୀ(ପ୍ରଶାସନ) ଆଲବର୍ଟ ଲାକ୍ରା ଓ ଆମ୍ବୁଡସ୍‌ମ୍ୟାନ ଗିରିଶ ଚନ୍ଦ୍ର ଦାଶ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ୩ଦିନ ମଧ୍ୟରେ ତ୍ରୁଟିର ସମାଧାନ ନ କଲେ ସାମାଜିକ ସୁରକ୍ଷା ନିୟମାନୁଯାୟୀ ଦଣ୍ଡ ଗଣିବେ ବୋଲି ସୂଚନା ଦେଇଥିଲେ। ଗତ ୨୦୨୩-୨୪ ଆର୍ଥିକ ବର୍ଷର ୬ମାସ ମଧ୍ୟରେ ସମୁଦାୟ ୫୮ଟି ଇସ୍ୟୁ ବାହାରିଛି। ସେଥିମଧ୍ୟରୁ ମୃତ୍ତିକା ସଂରକ୍ଷଣ ବିଭାଗର୧୮,ଉଦ୍ୟାନ ବିଭାଗର ୧୪, ବନ ବିଭାଗର ୫, ପଞ୍ଚାୟତ ଓ ପଞ୍ଚାୟତ ସମିତି ବିଭାଗ ତରଫରୁ ୨୧ଟି ଇସ୍ୟୁ ରହିଛି ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଡିଟର କଲ୍ୟାଣୀ ସ୍ୱାଇଁ ଶିବିରରେ ଉପସ୍ଥାପନା କରିଥିଲେ। ଶିବିରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଗଣିଆ ବ୍ଲକରେ ୧ଲକ୍ଷ ୮୦ହଜାର ୨୮୫ ମାନବଦିବସ ସୃଷ୍ଟି ହୋଇଥିବା ବେଳେ ୫୫ ପରିବାର ୧୦୦ଦିନର କାର୍ଯ୍ୟ ପୂରଣ କରିଛନ୍ତି। ବ୍ଲକରେ ୬୦୭ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ୬୯୧ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିବା ଜଣାପଡିଛି। ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ପ୍ରୀତିବାଳା ରଣା, ବ୍ଲକ ସହକାରୀ ଯନ୍ତ୍ରୀ ଅଜିତା ପ୍ରିୟଦର୍ଶନୀ, ଏପିଓ ଇତିଶ୍ରୀ ଦାଶଙ୍କ ସମେତ ବିଭାଗୀୟ ଅଧିକାରୀ, ପଞ୍ଚାୟତ ଲୋକପ୍ରତିନିଧି ଓ ଭିଆରପି ପ୍ରମୁଖ ଯୋଗଦେଇଥିଲେ।

